

ବାର୍ତ୍ତାବହ-ଦୂତ
ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍
*The Messenger*
*William Marrion Branham*

# ଲାଅଦିକୀଆ ମଣ୍ଡଳୀ ଯୁଗର
# ବାର୍ତ୍ତାବହ-ଦୂତ
# The Messenger
# To
# The Laodicean Church Age

**ପ୍ରକାଶିତ ବାକ୍ୟ ୩:୧୪-୨୨**

*ଲାଅଦିକୀଆ ମଣ୍ଡଳୀର ଦୂତ ନିକଟକୁ ଲେଖ :-*

*"ଯେ ସତ୍ (ମୂଳଭାଷାରେ - ' ଆମେନ୍ ' ), ଯେ ବିଶ୍ୱସ୍ତ ଓ ସତ୍ୟ ସାକ୍ଷୀ, ଯେ ପରମେଶ୍ୱରଙ୍କ ସୃଷ୍ଟିର ଆଦିକର୍ତ୍ତା, ସେ ଏହା କହନ୍ତି, ଆମ୍ଭେ ତୁମ୍ଭର କର୍ମ ଜାଣୁ,*

*ତୁମ୍ଭେ ଶୀତଳ ନୁହଁ କି ଉଷ୍ଣ ହିଁ ନୁହଁ; ତୁମ୍ଭେ ଶୀତଳ କି ଉଷ୍ଣ ହେଲେ ଭଲ ହୁଅନ୍ତା । ଏଣୁ ତୁମ୍ଭେ ଶୀତଳ କି ଉଷ୍ଣ ନ ହୋଇ ଈଷଦୁଷ୍ଣ ହେବାରୁ ଆମ୍ଭେ ତୁମ୍ଭକୁ ଆପଣା ମୁଖରୁ ଉଦ୍‌ଗାର କରିବାକୁ ଯାଉଅଛୁ ।*

*ତୁମ୍ଭେ କହୁଅଛ, ମୁଁ ଧନୀ, ମୋହର ବହୁତ ସମ୍ପତ୍ତି ଅଛି, ମୋହର କୌଣସି ଅଭାବ ନାହିଁ; ମାତ୍ର ତୁମ୍ଭେ ଯେ ଦୁର୍ଭାଗା, ଦୀନହୀନ, ଦରିଦ୍ର, ଅନ୍ଧ ଓ ଉଲଙ୍ଗ, ଏହା ଜାଣ ନାହିଁ;*

*ଏଣୁ ଆମ୍ଭେ ତୁମ୍ଭକୁ ଏହି ପରାମର୍ଶ ଦେଉଅଛୁ, ତୁମ୍ଭେ ଧନୀ ହେବା ନିମନ୍ତେ ଅଗ୍ନିରେ ପରିଷ୍କୃତ ସୁବର୍ଣ୍ଣ, ଆଉ ତୁମ୍ଭ ଉଲଙ୍ଗତାର ଲଜ୍ଜା ଯେପରି ପ୍ରକାଶିତ ନ ହୁଏ, ଏଥିପାଇଁ ପରିଧାନ କରିବା ପାଇଁ ଶୁକ୍ଳ ବସ୍ତ୍ର ଆମ୍ଭ ନିକଟରୁ କିଣ, ପୁଣି ଦୃଷ୍ଟି ପାଇବା ନିମନ୍ତେ ଚକ୍ଷୁରେ ଅଞ୍ଜନ ଲେପନ କର ।*

*ଆମ୍ଭେ ଯେତେ ଲୋକଙ୍କୁ ଭଲ ପାଉ, ସେମାନଙ୍କୁ ଅନୁଯୋଗ ଓ ଶାସନ କରିଥାଉ ଅତଏବ ଉଦଯୋଗୀ ହୋଇ ମନଃପରିବର୍ତ୍ତନ କର ।*

*ଦେଖ, ଆମ୍ଭେ ଦ୍ୱାର ନିକଟରେ ଠିଆ ହୋଇ ଆଘାତ କରୁଅଛୁ; ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇଦେବ, ତାହାହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ, ପୁଣି ଆମ୍ଭେ ତାହା ସହିତ ଭୋଜନ କରିବୁ ଓ ସେ ଆମ୍ଭ ସହିତ ଭୋଜନ କରିବ ।*

*ଆମ୍ଭେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛୁ, ସେପରି ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ ।*

*ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।"*

# ବାର୍ତ୍ତାବହ - ଦୂତ

## *( THE MESSENGER )*

କେବଳ ପ୍ରଥମ ଯୁଗ ବ୍ୟତୀତ, ଯେଉଁ ଯୁଗରେ କି ପାଉଲ ବାର୍ତ୍ତାବହ-ଦୂତ ଥିଲେ, ଅନ୍ୟ କୌଣସି ଯୁଗ ଆପଣା ସମୟର ବାର୍ତ୍ତାବହ-ଦୂତଙ୍କୁ ଯାହାଙ୍କୁ କି ପରମେଶ୍ୱର ପ୍ରେରଣ କରିଥିଲେ ବାସ୍ତବରେ ଯେ ଚିହ୍ନିଥିଲା ଏଥିରେ ମୁଁ ଅତ୍ୟଧିକ ଆଶଙ୍କା କରେ । ପୁଣି ସେହି ପ୍ରଥମ ଯୁଗରେ ହିଁ ସୁଦ୍ଧା ଅନେକେ ପାଉଲଙ୍କୁ ଜାଣି ନ ଥିଲେ ଯେ ସେ କେଉଁ କାରଣ ପାଇଁ ଆଗମନ କରିଥିଲେ ।

ତେବେ, ବର୍ତ୍ତମାନ ଆମେ ଯେଉଁ ଯୁଗରେ ବାସ କରୁଅଛୁ, ତାହା ଏକ ଅତ୍ୟନ୍ତ ଅଳ୍ପ ଅବଧିବିଶିଷ୍ଟ ଯୁଗଟିଏ ହେବାକୁ ଯାଉଛି । ଘଟଣାଗୁଡ଼ିକ ଅତ୍ୟନ୍ତ ଦ୍ରୁତଗତିରେ ଘଟିବାକୁ ଯାଉଛି । ଏଣୁ ଏହି ଲାଅଦିକୀୟ ମଣ୍ଡଳୀ ଯୁଗ ପ୍ରତି ଉଦ୍ଦିଷ୍ଟ ବାର୍ତ୍ତାବହ-ଦୂତକୁ ଏହି ବର୍ତ୍ତମାନ ସମୟରେ ଏଠାରେ ଉପସ୍ଥିତ ହେବାକୁ ଅଛି, ଯଦ୍ୟପି ସମ୍ଭବତଃ ଆମେ ଏପର୍ଯ୍ୟନ୍ତ ସୁଦ୍ଧା ତାହାଙ୍କୁ ଜାଣି ନାହୁଁ । ମାତ୍ର ନିଶ୍ଚିତଭାବେ ଏକ ସମୟ ଉପସ୍ଥିତ ହେବ ଯେତେବେଳେ କି ସେ ଚିହ୍ନା ଯିବେ । ତେବେ ମୁଁ ତାହା ପ୍ରମାଣ କରିପାରେ, କାରଣ ଆମ ପାଖରେ ସେ ସଂମ୍ପର୍କରେ ଶାସ୍ତ୍ରାଂଶ ରହିଅଛି, ଯାହାକି ତାହାଙ୍କ ସେବାକାର୍ଯ୍ୟକୁ ବର୍ଣ୍ଣନା କରିଥାଏ ।

ସର୍ବପ୍ରଥମେ, ସେହି ଦୂତ ଜଣକ ଜଣେ ଭବିଷ୍ୟଦ୍‌ବକ୍ତି ହେବାକୁ ଯାଉଅଛନ୍ତି । ତାହାଙ୍କ ନିକଟରେ ଏକ ଭବିଷ୍ୟଦ୍‌ବକ୍ତାଙ୍କ ସେବାପଦ ରହିବ । ସେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ପଦବୀକୁ ଅଳଂକୃତ କରିବେ । ସେ ଭାବବାଣୀ ଓ ସେବାର କାର୍ଯ୍ୟକୁ ହାସଲ କରିବେ । ପୁଣି ଏହି ସେବାପଦଟି ସଂମ୍ପୂର୍ଣ୍ଣ ବାକ୍ୟ ଉପରେ ନିଖୁଣଭାବେ ଆଧାରିତ ରହିବ, କାରଣ ଯେତେବେଳେ ସେ ଭାବବାଣୀ କରିବେ ଅବା ଦର୍ଶନ ପ୍ରାପ୍ତ ହେବେ, ତାହା ସର୍ବଦା "ବାକ୍ୟ-ଆଧାରିତ" ହେବ ଏବଂ ତାହା **ସର୍ବଦା** ଘଟିତ ହେବ । ତାହାଙ୍କର ନିର୍ଭୁଲ୍ ଭାବବାଣୀ ଯୋଗୁଁ ହିଁ ସେ ଏକ ଭବିଷ୍ୟଦ୍‌ବକ୍ତାରୂପେ ସତ୍ୟପ୍ରମାଣିତ ହେବେ । ସେ ଯେ ଏକ ଭବିଷ୍ୟଦ୍‌ବକ୍ତା ଅଟନ୍ତି, ଏହାର ପ୍ରମାଣ *ପ୍ରକାଶିତ ବାକ୍ୟ ୧୦:୭* ପଦରେ ମିଳିଥାଏ, ଯଥା : *"ମାତ୍ର ପରମେଶ୍ୱରଙ୍କ ଦ୍ୱାରା ଆପଣା ଦାସ ଭବିଷ୍ୟଦ୍‌ବକ୍ତାମାନଙ୍କ ପ୍ରତି ପ୍ରକାଶିତ ଶୁଭସମ୍ବାଦ ଅନୁସାରେ ସପ୍ତମ ଦୂତ ବାକ୍ୟ ଘୋଷଣା କରିବା ସମୟରେ, ଅର୍ଥାତ୍ ଯେତେବେଳେ ସେ ତୂରୀଧ୍ୱନି କରିବାକୁ ଉଦ୍ୟତ ହେବେ, ସେତେବେଳେ ପରମେଶ୍ୱରଙ୍କ ନିଗୂଢ଼ ସଂକଳ୍ପ ମଧ୍ୟ ସଫଳ ହେବ"* । ତେବେ ଏହି ବ୍ୟକ୍ତି, ଯାହାଙ୍କୁ ଏହି ପଦରେ କିଙ୍ଗ୍ ଜେମସ୍ (**King James**) ଅନୁବାଦରେ ଜଣେ 'ଦୂତ' (**an 'angel'**) ଆଖ୍ୟା ଦିଆଯାଇଛି, ସେ ଏକ ସ୍ୱର୍ଗୀୟ ପ୍ରାଣୀ **ନୁହନ୍ତି** । ସେହି ଷଷ୍ଠ ତୂରୀଧ୍ୱନିକାରୀ

ଦୂତ ଯିଏକି ଏକ ସ୍ବର୍ଗୀୟ ପ୍ରାଣୀ ଅଟନ୍ତି, *ପ୍ରକାଶିତ ବାକ୍ୟ ୯:୧୩* ରେ ବର୍ଣ୍ଣିତ, ପୁଣି ସେହି କ୍ରମାନୁଯାୟୀ ସପ୍ତମ ଦୂତ ଜଣକ *ପ୍ରକାଶିତ ବାକ୍ୟ ୧୧:୧୫* ପଦରେ ବର୍ଣ୍ଣିତ । ମାତ୍ର *ପ୍ରକାଶିତ ବାକ୍ୟ ୧୦:୭* ପଦରେ ବର୍ଣ୍ଣିତ ଏହି ଜଣକ ସପ୍ତମ ଯୁଗର ବାର୍ତ୍ତାବହ-ଦୂତ ଅଟନ୍ତି ପୁଣି ଏ ଜଣେ (ପାର୍ଥିବ) ମଣିଷ ଅଟନ୍ତି, ଆଉ ତାହାଙ୍କୁ ପରମେଶ୍ୱରଙ୍କଠାରୁ ଏକ ବାର୍ତ୍ତା ବା ସନ୍ଦେଶ ଆଣିବାକୁ ଅଛି, ପୁଣି ତାହାଙ୍କ ସନ୍ଦେଶ ଓ ସେବାକାର୍ଯ୍ୟ ପରମେଶ୍ୱରଙ୍କ ପୂର୍ବ ସଂକଳ୍ପିତ ନିଗୂଢ଼ତତ୍ତ୍ୱ କୁ ସମ୍ପୂର୍ଣ୍ଣ ବା ସଫଳ କରିବାକୁ ଯାଉଅଛି, ଯେପରିକି ପରମେଶ୍ୱର ଆପଣା ଦାସଗଣ, ଅର୍ଥାତ୍ ଭାବବାଦୀଗଣଙ୍କ ନିକଟରେ ଘୋଷଣା କରିଥିଲେ । ପରମେଶ୍ୱର ଏହି ଅନ୍ତିମ ଦୂତଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ସ୍ୱରୂପେ ବ୍ୟବହାର କରିବାକୁ ଯାଉଅଛନ୍ତି, **କାରଣ ସେ ଜଣେ ଭବିଷ୍ୟଦ୍‌ବକ୍ତା ହିଁ ଅଟନ୍ତି** । ପ୍ରଥମ ଯୁଗରେ ପାଉଲ ତାହା ହିଁ ଥିଲେ, ପୁଣି ଅନ୍ତିମ ଯୁଗ ମଧ୍ୟ (ସେହିପରି) ଜଣଙ୍କୁ ଲାଭ କରିଅଛି । *ଆମୋଷ ୩:୬-୭ ପଦ* ବର୍ଣ୍ଣନା କରେ, *"ନଗର ମଧ୍ୟରେ ତୂରୀ ବଜାଗଲେ ଲୋକମାନେ କି ଭୀତ ନୋହିବେ ? ସଦାପ୍ରଭୁ ନ ଘଟାଇଲେ ନଗର ମଧ୍ୟରେ କି ଅମଙ୍ଗଳ ଘଟିବ ? ନିଶ୍ଚୟ ପ୍ରଭୁ ସଦାପ୍ରଭୁ ନିଜ ଗୁପ୍ତ ବିଷୟ ଆପଣା ଦାସ ଭବିଷ୍ୟଦବକ୍ତାଗଣ ପ୍ରତି ପ୍ରକାଶ ନ କଲେ କିଛି କରିବେ ନାହିଁ ।"*

ଏହା ତ ଯୁଗାନ୍ତ ସମୟରେ ହିଁ ହୋଇଥିଲା ଯେତେବେଳେ ଯୀଶୁଙ୍କର **ସପ୍ତ ମେଘଗର୍ଜନ (seven thunders)** ଆଗତ ହୋଇଥିଲା । *ପ୍ରକାଶିତ ବାକ୍ୟ ୧୦:୩-୪* ପଦରେ ଉଲ୍ଲିଖିତ, *" . . . ସିଂହଗର୍ଜନତୁଲ୍ୟ ହୁଙ୍କାର ଶବ୍ଦରେ ଡାକ ପକାଇଲେ ; ସେ ଡ଼ାକ ପକାନ୍ତେ* **ସପ୍ତ ମେଘଗର୍ଜନ** *ଆପଣା ଆପଣା ବାଣୀ ବ୍ୟକ୍ତ କଲେ । ସେହି ସପ୍ତ ମେଘଗର୍ଜନ ଆପଣା ଆପଣା ବାଣୀ ବ୍ୟକ୍ତ କରନ୍ତେ ମୁଁ ଲେଖିବାକୁ ଉଦ୍ୟତ ହେଲି; ସେତେବେଳେ ମୁଁ ମୋ ପ୍ରତି ଆକାଶରୁ ଉକ୍ତ ଏହି ବାଣୀ ଶୁଣିଲି, ସେହି ସପ୍ତ ମେଘଗର୍ଜନ ଯାହାସବୁ ବ୍ୟକ୍ତ କଲେ, ସେହିସବୁ ଗୋପନ କରି ରଖ, ଲେଖ ନାହିଁ ।"* ସେହି **ମେଘଗର୍ଜନ**ଗୁଡ଼ିକ ମଧ୍ୟରେ ଯେ କ'ଣ ଥିଲା **ତାହା କେହି ଜାଣନ୍ତି ନାହିଁ** । ମାତ୍ର ଆମେ ତାହା ଜାଣିବାକୁ ଆବଶ୍ୟକ କରୁ । ଆଉ ସେହି ପ୍ରକାଶନକୁ ପାଇବା ପାଇଁ ଏହା ଏକ ଭବିଷ୍ୟଗ୍‌ବକ୍ତାଙ୍କୁ ଧାରଣ କରିବ, କାରଣ ତାହାଙ୍କର ଧର୍ମଶାସ୍ତ୍ରୀୟ ପ୍ରକାଶନଗୁଡ଼ିକୁ ପ୍ରକାଶ କରିବା ନିମନ୍ତେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ବ୍ୟତୀତ ପରମେଶ୍ୱରଙ୍କ ନିକଟରେ ଆଉ କୌଣସି ଅନ୍ୟ ଉପାୟ ନାହିଁ । ପରମେଶ୍ୱରଙ୍କର ବାକ୍ୟ ସଦାସର୍ବଦା ଜଣେ ଭାବବାଦୀଙ୍କ ଦ୍ୱାରା ହିଁ ଆଗତ ହୋଇଥିଲା, ପୁଣି ସଦା-ସର୍ବଦା ସେହିପରି ହିଁ ହେବ । ଏହା ହିଁ ପରମେଶ୍ୱରଙ୍କ ଯେ ବ୍ୟବସ୍ଥା ତାହା ଶାସ୍ତ୍ରର ଏକ ସାମୟିକ ଅନୁସନ୍ଧାନ ଦ୍ୱାରା ସୁଦ୍ଧା ସୁସ୍ପଷ୍ଟ ଅଟେ । ଯେତେବେଳେ ଲୋକମାନେ ସ୍ୱର୍ଗୀୟ ଆଦେଶରୁ ପଥଭ୍ରଷ୍ଟ ହୋଇଯାଉଥିଲେ, ସେତେବେଳେ ଅପରିବର୍ତ୍ତନୀୟ ପରମେଶ୍ୱର ଆପଣା ବିବିଧ ଅପରିବର୍ତ୍ତନୀୟ ଉପାୟ ସହ ପ୍ରତ୍ୟେକ ଯୁଗରେ

ନିୟମିତଭାବେ ତାହାଙ୍କ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିଥିଲେ । ଧର୍ମଶାସ୍ତ୍ରଜ୍ଞ ଓ ଜନତା ଉଭୟେ ପରମେଶ୍ୱରଙ୍କ ବାକ୍ୟରୁ ଦୂରେଇ ଯାଉଥିବା ବେଳେ ସେହି ମିଥ୍ୟା ଶିକ୍ଷାକୁ ସଂଶୋଧନ କରିବାକୁ ଓ ଲୋକମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ପୁନଶ୍ଚ କଢ଼ାଇ ଆଣିବା ଉଦ୍ଦେଶ୍ୟରେ ପରମେଶ୍ୱର ସଦାସର୍ବଦା ଏହି ଲୋକମାନଙ୍କ ନିକଟକୁ (ମାତ୍ର ଧର୍ମଶାସ୍ତ୍ରଜ୍ଞମାନଙ୍କଠାରୁ ପୃଥକ୍) ତାହାଙ୍କ ଦାସ (ଭବିଷ୍ୟଦ୍‌ବକ୍ତା)ଙ୍କୁ ପ୍ରେରଣ କରିଥିଲେ ।

ସୁତରାଂ ଆମେ ସପ୍ତମ ଯୁଗ ନିମନ୍ତେ ଉଦ୍ଦିଷ୍ଟ ଜଣେ ବାର୍ତ୍ତାବହ-ଦୂତଙ୍କୁ ଆସୁଥିବାର ଦେଖୁ, ଆଉ ସେ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ।

*ପ୍ରକାଶିତ ବାକ୍ୟ ୧୦ : ୭* ପଦରେ ଏହି ବାର୍ତ୍ତାବହ-ଦୂତଙ୍କୁ ହିଁ ଆମେ କେବଳ ଏଠାରେ ଆଗମନ କରୁଥିବାର ଯେ ଦେଖୁ ତାହା ନୁହେଁ, ମାତ୍ର ଯୀଶୁଙ୍କ ପ୍ରତ୍ୟାବର୍ତ୍ତନ(returns) ପୂର୍ବରୁ **ଏଲିୟଙ୍କ ଆଗମନ(coming)**ର ବିଷୟ ମଧ୍ୟ ଯେ ସେହି ବାକ୍ୟ ବ୍ୟକ୍ତ କରେ ତାହା ଆମେ ଦେଖିଥାଉ । *ମାଥିଉ ୧୭ : ୧୦-୧୧* ପଦରେ ଏହା ଉଲ୍ଲିଖିତ ଅଛି ଯେ, *"ପୁଣି (ତାହାଙ୍କ) ଶିଷ୍ୟମାନେ ତାହାଙ୍କୁ ପଚାରିଲେ, ତେବେ ଶାସ୍ତ୍ରୀମାନେ କାହିଁକି କହନ୍ତି ଯେ, ପ୍ରଥମରେ ଅବଶ୍ୟ ଏଲିୟଙ୍କର ଆଗମନ ହେବ ?* ସେ (ଯୀଶୁ) *ଉତ୍ତର ଦେଲେ, ଏଲିୟ ପ୍ରଥମେ ଆସିବେ ଓ ସମସ୍ତ ବିଷୟ* ***ପୁନଃସ୍ଥାପନ(restore)*** *କରିବେ, ଏହି କଥା ସତ"* । ଆମର ପ୍ରଭୁଙ୍କର ଆଗମନ ପୂର୍ବେ, ମଣ୍ଡଳୀ ମଧ୍ୟରେ ଏକ ପୁନଃସ୍ଥାପନର କାର୍ଯ୍ୟକୁ ସମ୍ପନ୍ନ କରିବା ନିମନ୍ତେ ଏଲିୟ ନିଶ୍ଚିତରୂପେ ଫେରିଆସିବେ । ଏହା ହିଁ ତାହା, ଯାହାକି *ମଲାଖି ୪ : ୫-୬* ପଦ ଉଲ୍ଲେଖ କରେ, *"ଦେଖ, ସଦାପ୍ରଭୁଙ୍କର ମହତ୍ ଓ ଭୟଙ୍କର ଦିନର ଆଗମନ ପୂର୍ବେ ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲିୟ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିବା । ପୁଣି ଆମ୍ଭେ ଆସି ଯେମନ୍ତ ପୃଥିବୀକି ଅଭିଶାପରେ ଆଘାତ ନ କରୁଁ, ଏଥିପାଇଁ* **ସେ ସନ୍ତାନ୍‌ଗଣ ପ୍ରତି ପିତୃଗଣର ହୃଦୟ ଓ ପିତୃଗଣ ପ୍ରତି ସନ୍ତାନଗଣର ହୃଦୟ *ଫେରାଇବ*** ।" ନିଶ୍ଚିତରୂପେ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ଯୀଶୁଙ୍କ ଆଗମନ ପୂର୍ବରୁ ଏଲିୟ ଫେରିଆସିବେ । ତାଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବାକୁ ଅଛି । ସେହି କାର୍ଯ୍ୟଟି *ମଲାଖି ୪ : ୬* ପଦର ସେହି ଅଂଶ ଅଟେ, ଯାହାକି ବର୍ଣ୍ଣନା କରିଥାଏ ଯେ, *"ସେ* **ପିତୃଗଣ ପ୍ରତି** (ବା ଆଡ଼କୁ) **ସନ୍ତାନଗଣର ହୃଦୟ *ଫେରାଇବ*** ।" ଏହା ହିଁ ସେହି କାରଣ ଅଟେ ଯାହା ଦ୍ୱାରା ଆମେ ଜାଣିଥାଉ ଯେ ସେହି ସମୟରେ କରିବା ନିମନ୍ତେ ଏହା ତାହାଙ୍କର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଅଟେ, କାରଣ *ମଲାଖି ୪ : ୬* ପଦର ଅନ୍ୟ ଅଂଶଟି, ଯାହା ବ୍ୟକ୍ତ କରେ, ଯେ, **"ସେ ପିତୃଗଣ ପ୍ରତି** (ବା ଆଡ଼କୁ) **ସନ୍ତାନଗଣର ହୃଦୟ** *ଫେରାଇବ"*, ଆଗରୁ ସମ୍ପାଦିତ କରିସାରିଅଛନ୍ତି, ଯେତେବେଳେ ଏଲିୟଙ୍କ ସେବାକାର୍ଯ୍ୟ ଏଠାରେ ଯୋହନ ତୁବକଙ୍କ ମଧ୍ୟରେ ରହିଥିଲା । ଯେହେତୁ *ଲୂକ ୧ : ୧୭ ପଦ* ବର୍ଣ୍ଣନା କରେ, **"ପିତାମାନଙ୍କ ହୃଦୟ**

**ସନ୍ତାନମାନଙ୍କ ପ୍ରତି** ଓ *ଅବାଧ୍ୟମାନଙ୍କୁ ଧାର୍ମିକମାନଙ୍କ ଜ୍ଞାନରେ ଆଚରଣ କରିବା ନିମନ୍ତେ ଫେରାଇବାକୁ ଏବଂ ପ୍ରଭୁଙ୍କ ସକାଶେ ସୁସଜ୍ଜିତ ଗୋଟିଏ ପ୍ରଜାମଣ୍ଡଳୀ ପ୍ରସ୍ତୁତ କରିବାକୁ ସେ ଏଲିୟଙ୍କ ଆତ୍ମା ଓ ଶକ୍ତିରେ ତାହାଙ୍କ ଆଗରେ ଗମନ କରିବ ।"* ଯୋହନ ଡୁବକଙ୍କ ସେବାକାର୍ଯ୍ୟରେ **"ପିତାମାନଙ୍କ ହୃଦୟ ସନ୍ତାନମାନଙ୍କ ପ୍ରତି ଫେରିଥିଲା ।"** ଆମେ ତାହା ଜାଣୁ ଯେହେତୁ ଯୀଶୁ ସେହିପରି କହିଥିଲେ । ମାତ୍ର ଏହା ଏପରି ବ୍ୟକ୍ତ କରେ ନାହିଁ ଯେ, **ସନ୍ତାନମାନଙ୍କ ହୃଦୟ ପିତାମାନଙ୍କ ପ୍ରତି** ଫେରିଥିଲା । ତାହା ତ ଏବେ ସୁଦ୍ଧା ସଫଳ ହେବାକୁ ବାକି ଅଛି । ଅନ୍ତିମ ଦିନର ସନ୍ତାନମାନଙ୍କର ହୃଦୟ ସେହି **ପେଣ୍ଟିକଷ୍ଟାଲ୍ ପିତାମାନଙ୍କ** ପ୍ରତି (ବା ଆତ୍ମକୁ) ଫେରାଇବ । ଯୋହନ ସେତେବେଳେ ସନ୍ତାନମାନଙ୍କୁ ପଲ ମଧ୍ୟକୁ ସାଦରେ ଗ୍ରହଣ କରାଇବା ନିମନ୍ତେ ଯୀଶୁଙ୍କ ସକାଶେ ପିତାମାନଙ୍କୁ ପ୍ରସ୍ତୁତ କରିଥିଲେ । ଏତେବେଳେ ଏହି ଭାବବାଦୀ ଜଣକ, ଯାହାଙ୍କ ଉପରେ ଏଲିୟଙ୍କ ଆତ୍ମା ଅବତରିତ ହୁଏ, ଯୀଶୁଙ୍କୁ ପୁନର୍ବାର ସାଦରେ ଗ୍ରହଣ କରିବା ନିମନ୍ତେ ସନ୍ତାନମାନଙ୍କୁ ପ୍ରସ୍ତୁତ କରିବେ ।

ଯୀଶୁ ଯୋହନ ଦୁବକଙ୍କୁ ଏଲିୟ ବୋଲି ଆଖ୍ୟା ଦେଇଥିଲେ । *ମାଥିଉ ୧୭:୧୨* ପଦ ବର୍ଣ୍ଣନା କରେ ଯେ, *"କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଏଲିୟ ତ ଆସି ସାରିଲେଣି, ମାତ୍ର ଲୋକେ ତାହାଙ୍କୁ ନ ଚିହ୍ନି ଯାହା ଇଚ୍ଛା, ତାହା ହିଁ ତାହାଙ୍କ ପ୍ରତି କରିଅଛନ୍ତି ।"* ସେ ଯୋହନଙ୍କୁ ଏଲିୟ ଆଖ୍ୟା ଦେଇଥିବାର କାରଣଟି ହେଲା, ସେହି ସମାନ ଆତ୍ମା ଯାହା ଏଲିୟଙ୍କ ଉପରେ ଅଧିଷ୍ଠିତ ଥିଲେ ତାହା ଯୋହନ ଡୁବକଙ୍କ ଉପରକୁ ଠିକ୍ ସେହିପରି ଫେରିଆସିଥିଲେ, ଯେପରି ରାଜା ଆହାବଙ୍କ ରାରଜତ୍ୱ ଉତ୍ତାରେ ସେହି ଆତ୍ମା ଇଲିଶାୟଙ୍କ ଉପରକୁ ଫେରିଆସିଥିଲେ । ବର୍ତ୍ତମାନ ପୁଣି ଥରେ ସେହି ଆତ୍ମାଟି ଯୀଶୁଙ୍କ ଆଗମନର ଠିକ୍ ପୂର୍ବରୁ ଆଉ ଏକ ମନୁଷ୍ୟ ଉପରକୁ ଫେରିଆସିବେ । ସେ ମନୁଷ୍ୟ ଜଣେ ଭବିଷ୍ୟଦ୍‌ବକ୍ତା ହେବେ । ସେ ପରମେଶ୍ୱରଙ୍କ ଦ୍ୱାରା ଏହିପରିଭାବେ ସତ୍ୟ-ପ୍ରମାଣିତ କରାଯିବେ । ଯେହେତୁ ଯୀଶୁ, ସ୍ୱୟଂ, ତାହାଙ୍କୁ ସତ୍ୟସିଦ୍ଧ କରିବା ପାଇଁ (ଯେପରିକି ସେ ଯୋହନଙ୍କୁ କରିଥିଲେ) ମାଂସମୟ ଶରୀରରେ ଏହି ଜଗତରେ ନ ଥିବେ, ଏଣୁ ଏହି କାର୍ଯ୍ୟ ପବିତ୍ର ଆତ୍ମାଙ୍କ ଦ୍ୱାରା ସମ୍ପାଦିତ ହେବ, ଏଥିଯୋଗୁ ଏହି ଭାବବାଦୀ-ଦୂତଙ୍କ ସେବାକାର୍ଯ୍ୟ ମହାନ ତଥା ଆଷ୍ଟର୍ଯ୍ୟପୂର୍ଣ୍ଣ ପ୍ରକଟୀକରଣ ଦ୍ୱାରା ଉପସ୍ଥାପିତ ହେବ, କାରଣ ପ୍ରତ୍ୟେକ ପ୍ରକାଶନ ସତ୍ୟ-ପ୍ରମାଣିତ ହେବ, କାରଣ ପ୍ରତ୍ୟେକ ପ୍ରକାଶନ ତାହାଙ୍କ କଥନାନୁସାରେ ହିଁ ସଫଳ ହେବ । ବିଶ୍ୱାସ ସହିତ ତାହାଙ୍କ ଆଦେଶ ମାତ୍ରେ ହିଁ ଶକ୍ତିର ଆଷ୍ଟର୍ଯ୍ୟପୂର୍ଣ୍ଣ କାର୍ଯ୍ୟମାନ ସମ୍ପନ୍ନ ହେବ । ବିଶ୍ୱାସ ସହିତ ତାହାଙ୍କ ଆଦେଶ ମାତ୍ରେ ହିଁ ଶକ୍ତିର ଆଷ୍ଟର୍ଯ୍ୟପୂର୍ଣ୍ଣ କାର୍ଯ୍ୟମାନ ସମ୍ପନ୍ନ ହେବ । ତତ୍‌ପରେ ଲୋକମାନଙ୍କୁ ସତ୍ୟତା ତଥା ପରମେଶ୍ୱରଙ୍କ ପ୍ରକୃତ ଶକ୍ତିର ନିକଟକୁ ଫେରାଇଆଣିବା ନିମନ୍ତେ ସୁସମାଚାରର ସେହି **ବାର୍ତ୍ତା (the message)** ପ୍ରଚାରିତ ହେବ

ଯାହାକି ପରମେଶ୍ୱର ତାହାଙ୍କୁ ଆପଣା ବାକ୍ୟ ମଧ୍ୟରେ ଦେଇଅଛନ୍ତି । ଅଳ୍ପକେତେକ ଲୋକ ହି ତାହାଙ୍କର ପ୍ରଚାରିତ ବାର୍ତ୍ତା **(the message)** ପ୍ରତି କର୍ଣ୍ଣପାତ କରିବେ, ମାତ୍ର ଅଧିକାଂଶ ଲୋକ ଆପଣା ରୀତିନୀତି ବା ଧାରା ପ୍ରତି ସତ୍ୟନିଷ୍ଠ ରହିବା ପାଇଁ ତାହାଙ୍କଠାରୁ ପଳାୟନ କରିବେ ଓ ତାହାଙ୍କୁ ଅଗ୍ରାହ୍ୟ କରିବେ ।

ଯେହେତୁ, ପ୍ରକାଶିତ ବାକ୍ୟ *୧୦ :୭*ପଦର ଏହି ଭାବବାଦୀ-ଦୂତ ମଲାଖି *୪: ୫-୬* ପଦର ସେହି ବ୍ୟକ୍ତିଙ୍କ ସହ ସମାନ ହେବେ, ଏଣୁ ସେ ସ୍ୱାଭାବିକ ରୂପେ ଏଲିୟ ଓ ଯୋହନ ଡୁବକଙ୍କ ସଦୃଶ ହେବେ । ସେହି ଉଭୟେ ସେମାନଙ୍କ ଦିନର ସ୍ୱୀକୃତ ବା ମାନ୍ୟତା-ପ୍ରାପ୍ତ ଧାର୍ମିକ ବିଦ୍ୟାଳୟମାନରୁ ପୃଥକୀକୃତ ବ୍ୟକ୍ତି ଥିଲେ । ଉଭୟେ ପ୍ରାନ୍ତରବାସୀ ଅର୍ଥାତ୍ ଜଙ୍ଗଲନିବାସୀ ବା ଜନଶୂନ୍ୟ ଅଞ୍ଚଳର ବ୍ୟକ୍ତି ଥିଲେ । ଉଭୟେ ଯେତେବେଳେ ହିଁ କୌଣସି କାର୍ଯ୍ୟ କରିଥିଲେ ଯେତେବେଳେ ସେମାନେ ଆତ୍ମାଙ୍କ ପ୍ରକାଶନ ଦ୍ୱାରା ପରମେଶ୍ୱରଙ୍କଠାରୁ ସିଧା-ସଳଖଭାବେ **"ସଦାପ୍ରଭୁ ଏହି କଥା କହନ୍ତି"** ର ଉକ୍ତି ଲାଭ କରିଥିଲେ । ଉଭୟେ ଆପଣା ଦିନର ଧାର୍ମିକ ନିୟମାବଳୀ ଓ ନେତାମାନଙ୍କ ବିରୁଦ୍ଧରେ ପ୍ରହାର ଅବା କଠୋର ଭାଷାରେ ଭର୍ତ୍ସନା କରିଥିଲେ । ତେବେ, ତାହା କେବଳ ସେତିକି ମାତ୍ର ହିଁ ନ ଥିଲା, ବରଂ ସେମାନେ ସେହି ସମସ୍ତଙ୍କ ବିରୁଦ୍ଧରେ ପ୍ରହାର କରିଥିଲେ, ଯେଉଁମାନେ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ଥିଲେ ବା ଅନ୍ୟମାନଙ୍କୁ ଭ୍ରଷ୍ଟ କରୁଥିଲେ । ପୁଣି ଲକ୍ଷ୍ୟ କରନ୍ତୁ, ଉଭୟେ ଅନୈତିକ ଓ ଦୁଷ୍ଚରିତ୍ରା ସ୍ତ୍ରୀମାନଙ୍କ ଓ ସେମାନଙ୍କର କାର୍ଯ୍ୟକଳାପ ବିରୁଦ୍ଧରେ ଅତ୍ୟଧିକ ଭାବବାଣୀ କରିଥିଲେ । ଏଲିୟ ଇଷେବେଲ୍ ବିରୁଦ୍ଧରେ ଚିତ୍କାର କରିଥିଲେ, ଏବଂ ଯୋହନ ଫିଲିପ୍ପଙ୍କ ଭାର୍ଯ୍ୟା, ହେରୋଦିଆଙ୍କୁ ଭର୍ତ୍ସନା କରିଥିଲେ ।

ଯଦ୍ୟପି ସେ ଲୋକପ୍ରିୟ ହେବେ ନାହିଁ, ତଥାପି ସେ ପରମେଶ୍ୱରଙ୍କ ଦ୍ୱାରା ସତ୍ୟ ପ୍ରମାଣିତ କରାଯିବେ । ଯେପ୍ରକାର ଯୀଶୁ ଯୋହନଙ୍କୁ ଓ ପବିତ୍ର ଆତ୍ମା ଯୀଶୁଙ୍କୁ ଅସଲି ପ୍ରମାଣିତ କରିଥିଲେ, ସେହିପରି ଆମେ ଉତ୍ତମରୂପେ ଆଶା କରିପାରୁ ଯେ, ଏହି ମନୁଷ୍ୟ ମଧ୍ୟ ସର୍ବପ୍ରଥମେ ଆପଣା ଜୀବନରେ ପବିତ୍ର ଆତ୍ମାଙ୍କ ଦ୍ୱାରା କରାଯାଉ ଥିବା ଶକ୍ତିର କାର୍ଯ୍ୟଗୁଡ଼ିକ ମଧ୍ୟରେ ସତ୍ୟ ପ୍ରତିପାଦିତ କରାଯିବେ, ଯେଉଁ କାର୍ଯ୍ୟସମୂହ ଅବିବାଦିତ ଓ କୌଣସିଠାରେ ଦୃଶ୍ୟ ହୁଏ ନାହିଁ; ପୁଣି ଯୀଶୁ ସ୍ୱୟଂ, ଆପଣା ପ୍ରତ୍ୟାବର୍ତ୍ତନରେ ତାହାଙ୍କୁ ଅସଲି ପ୍ରମାଣିତ କରିବେ, ଯେପରିକି ସେ ଯୋହନଙ୍କୁ ଅସଲି ପ୍ରମାଣିତ କରିଥିଲେ । ଯୀଶୁ ଆସୁଅଛନ୍ତି ବୋଲି ଯୋହନ ସାକ୍ଷ୍ୟ ଦେଇଥିଲେ - ଆଉ ଠିକ୍ ଏହି ମନୁଷ୍ୟ ମଧ୍ୟ, ଯୋହନଙ୍କ ସଦୃଶ, ଯୀଶୁ ଆସୁଅଛନ୍ତି ବୋଲି ସାକ୍ଷ୍ୟ ଦେବେ । ପୁଣି ଖ୍ରୀଷ୍ଟଙ୍କ ସେହି ପ୍ରତ୍ୟାଗମନ ଏହା ପ୍ରମାଣ କରିଦେବ ଯେ ଏହି ମନୁଷ୍ୟ ହିଁ ପ୍ରକୃତ ପକ୍ଷରେ ତାହାଙ୍କର ଦ୍ୱିତୀୟ ଆଗମନର ଅଗ୍ରାଧାବକ ଥିଲେ । ଏହା ହିଁ ସେହି ଅନ୍ତିମ ପ୍ରମାଣ ଅଟେ ଯେ ଏହି ବ୍ୟକ୍ତି ହିଁ ପ୍ରକୃତ ପକ୍ଷରେ *ମଲାଖି ୪* ପର୍ବର ଭବିଷ୍ୟଦ୍‌ବକ୍ତା ଅଟନ୍ତି, କାରଣ ବିଜାତିମାନଙ୍କ

କାଳର ସମାପ୍ତି ଯୀଶୁଙ୍କର ସ୍ୱଂୟ ଆବିର୍ଭାବ ହେବା ସହ ହିଁ ହେବ । ତତ୍‌ପରେ ଯେଉଁମାନେ ତାହାଙ୍କୁ ଅସ୍ୱୀକାର କରିଅଛନ୍ତି ସେମାନଙ୍କ ନିମନ୍ତେ ଏହା ଅତ୍ୟନ୍ତ ବିଳମ୍ବ ହୋଇଯାଇଥିବ ।

ଏହି ଅନ୍ତିମ ଦିନର ଭାବବାଦୀଙ୍କର ସଂପର୍କରେ ଆମର ଉପସ୍ଥାପନାକୁ ଆହୁରି ଅଧିକ ପରିମାଣରେ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ଆମେ ବିଶେଷଭାବେ ମନୋଯୋଗ କରୁ ଯେ, *ମାଥିଉ ୧୧: ୧୨*ର ସେହି ଭାବବାଦୀ ଜଣକ ଯୋହନ ତୁବକ ଥିଲେ, ଯାହାଙ୍କର ବିଷୟରେ ହିଁ *ମଲାଖି ୩ :୧* ପଦରେ ଭାବବାଣୀ କରାଯାଇଥିଲା, ଯଥା: *"ଦେଖ. ଆମ୍ଭେ ଆପଣା ଦୂତଙ୍କୁ ପ୍ରେରଣ କରୁଅଛୁଁ ଓ ସେ ଆମ୍ଭ ଆଗରେ ପଥ ପ୍ରସ୍ତୁତ କରିବ; ପୁଣି ତୁମ୍ଭେମାନେ ଯେଉଁ ପ୍ରଭୁଙ୍କର ଅନ୍ୱେଷଣ କରୁଅଛ, ସେ ଅକସ୍ମାତ ଆପଣା ମନ୍ଦିରକୁ ଆସିବେ; ଆଉ ନିୟମର ଯେଉଁ ଦୂତଠାରେ ତୁମ୍ଭେମାନେ ସନ୍ତୁଷ୍ଟ ଅଟ, ଦେଖ, ସେ ଆସୁଅଛନ୍ତି, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି" ।* ପୁଣି *ମାଥିଉ ୧୧: ୧-୧୧* ପଦ ଉଲ୍ଲେଖ କରେ, *"ଯୀଶୁ ଆପଣା ଦ୍ୱାଦଶ ଶିଷ୍ୟଙ୍କୁ ଆଦେଶ ଦେବାର ସମାପ୍ତ କଲା ଉତ୍ତାରେ ଲୋକମାନଙ୍କର ନଗରସମୂହରେ ଶିକ୍ଷା ଦେବାକୁ ଓ ଘୋଷଣା କରିବାକୁ ସେସ୍ଥାନରୁ ପ୍ରସ୍ଥାନ କଲେ । ଏଥିମଧ୍ୟରେ ଯୋହନ ଖ୍ରୀଷ୍ଟଙ୍କ କର୍ମର ବିବରଣ କାରାଗାରରେ ଶୁଣି ଆପଣା ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କୁ ପଚାରି ପଠାଇଲେ, ଯାହାଙ୍କର ଆଗମନ ହେବ, ସେହି ବ୍ୟକ୍ତି କି ଆପଣ, ଅବା ଆମ୍ଭେମାନେ ଅନ୍ୟ ଜଣଙ୍କ ଅପେକ୍ଷାରେ ରହିବୁ? ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଯାଇ, ଯାହା ଯାହା ଶୁଣୁଅଛ ଓ ଦେଖୁଅଛ, ସେହିସବୁ ଯୋହନଙ୍କୁ ଜଣାଅ; ଅନ୍ଧମାନେ ଦୃଷ୍ଟି ପାଆନ୍ତି, ଖଞ୍ଜମାନେ ଗମନ କରନ୍ତି, କୁଷ୍ଠୀମାନେ ଶୁଚି ହୁଅନ୍ତି, ବଧିରମାନେ ଶ୍ରବଣ କରନ୍ତି, ମୃତମାନେ ଉତ୍‌ଥାପିତ ହୁଅନ୍ତି, ପୁଣି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହୁଏ; ଆଉ, ଯେ କେହି ମୋ'ଠାରେ ବିଘ୍ନର କାରଣ ନ ପାଏ, ସେ ଧନ୍ୟ । ସେମାନେ ଚାଲିଯାଉଥିବା ସମୟରେ ଯୀଶୁ ଯୋହନଙ୍କ ସମ୍ବନ୍ଧରେ ଲୋକସମୂହକୁ କହିବାକୁ ଲାଗିଲେ, ତୁମ୍ଭେମାନେ କଅଣ ଦେଖିବା ପାଇଁ ପ୍ରାନ୍ତରକୁ ବାହାରି ଯାଇଥିଲ ? କଅଣ ପବନରେ ଦୋହଲୁଥିବା ଗୋଟିଏ ନଳ ? ତାହା ନ ହେଲେ ତୁମ୍ଭେମାନେ କଅଣ ଦେଖିବା ପାଇଁ ବାହାରି ଯାଇଥିଲ ? କଅଣ ସୂକ୍ଷ୍ମ ବସ୍ତ୍ର ପରିହିତ ଜଣେ ବ୍ୟକ୍ତିଙ୍କି ? ଦେଖ, ଯେଉଁମାନେ ସୂକ୍ଷ୍ମ ବସ୍ତ୍ର ପରିଧାନ କରନ୍ତି, ସେମାନେ ରାଜବାଟୀରେ ଥାଆନ୍ତି । ତାହା ନ ହେଲେ କି ନିମନ୍ତେ ବାହାରିଯାଇଥିଲ ? କଅଣ ଜଣେ ବାବବାଦୀଙ୍କି ଦେଖିବାକୁ? ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଭାବବାଦୀଙ୍କ ଅପେକ୍ଷା ଅଧିକ ଶ୍ରେଷ୍ଠ ବ୍ୟକ୍ତିଙ୍କି; ଯାହାଙ୍କ ବିଷୟରେ ଏହା ଲେଖାଅଛି, ଦେଖ, ଆମ୍ଭେ ଆପଣା ଦୂତକୁ ତୁମ୍ଭ ଆଗରେ ପ୍ରେରଣ କରୁଅଛୁଁ, ସେ ତୁମ୍ଭ ସମ୍ମୁଖରେ ତୁମ୍ଭର ପଥ ପ୍ରସ୍ତୁତ କରିବ, ଏ ସେହି ବ୍ୟକ୍ତି । ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସ୍ତ୍ରୀଗର୍ଭଜାତ ସମସ୍ତଙ୍କ ମଧ୍ୟରେ ବାପ୍ତିଜକ ଯୋହନଙ୍କଠାରୁ ମହାନ୍ କେହି ଉତ୍ପନ୍ନ ହୋଇ ନାହାନ୍ତି; ତଥାପି ସ୍ୱର୍ଗରାଜ୍ୟରେ ଯେ*

*କ୍ଷୁଦ୍ରତମ, ସେ ତାହାଙ୍କଠାରୁ ମହାନ୍ ।"* ଏହି ବିଷୟ ତ ହୋଇସାରିଲାଣି । ଏହା ତ ଘଟି ସାରିଛି । ଏହା ଶେଷ ହେଲାଣି । ତେବେ, ବର୍ତ୍ତମାନ *ମଲାଖି ୪: ୧-୬* ପଦକୁ ଧ୍ୟାନ କରନ୍ତୁ, *"କାରଣ ଦେଖ, ସେଦିନ ଆସୁଅଛି, ତାହା ତୁନ୍ଦୁର ପରି ଜଳୁଅଛି; ପୁଣି, ଅହଙ୍କାରୀ ଓ ଦୁଷ୍କାଚାରୀସମସ୍ତେ ନଡ଼ା ପରି ହେବେ; ଆଉ ସେମାନଙ୍କର ମୂଳ କି ଡ଼ାଳ ଯେମନ୍ତ ଅବଶିଷ୍ଟ ନ ରହିବ, ଏଥିପାଇଁ ଯେଉଁ ଦିନ ଆସୁଅଛି, ତାହା ସେମାନଙ୍କୁ ଦଗ୍ଧ କରିବ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି । ମାତ୍ର ଆମ୍ଭ ନାମକୁ ଭୟ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ପ୍ରତି ଧର୍ମରୂପ ସୂର୍ଯ୍ୟ ଆରୋଗ୍ୟଦାୟକ କିରଣ ସଂଯୁକ୍ତ ହୋଇ ଉଦିତ ହେବେ; ଆଉ, ତୁମ୍ଭେମାନେ ଦୁଷ୍ଟମାନଙ୍କୁ ପଦ ତଳେ ଦଳି ପକାଇବ; କାରଣ ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, ଯେଉଁ ଦିନ ଆମ୍ଭେ କାର୍ଯ୍ୟ କରିବା, ସେଦିନ ସେମାନେ ତୁମ୍ଭମାନଙ୍କର ତଳିପାର ଅଧଃସ୍ଥିତ ଭସ୍ମ ହେବେ । ଆମ୍ଭେ ହୋରେବରେ ସମଗ୍ର ଇସ୍ରାଏଲ ନିମନ୍ତେ ଯେଉଁ ବିଧି ଓ ଶାସନସକଳ ଆଦେଶ କଲୁଁ, ଆମ୍ଭ ଦାସ ମୋଶାଙ୍କର ସେହି ବ୍ୟବସ୍ଥା ତୁମ୍ଭେମାନେ ସ୍ମରଣ କର । ଦେଖ, ସଦାପ୍ରଭୁଙ୍କର ମହତ୍ ଓ ଭୟଙ୍କର ଦିନର ଆଗମନ ପୂର୍ବେ ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲିୟ ଭବିଷ୍ୟତ୍‌ବକ୍ତାଙ୍କୁ ପ୍ରେରଣ କରିବା । ପୁଣି, ଆମ୍ଭେ ଆସି ଯେମନ୍ତ ପୃଥିବୀକୁ ଅଭିଶାପରେ ଆଘାତ ନ କରୁଁ, ଏଥିପାଇଁ ସେ ସନ୍ତାନଗଣ ପ୍ରତି (ଆଡ଼କୁ) ପିତୃଗଣର ହୃଦୟ ଓ ପିତୃଗଣ ପ୍ରତି (ଆଡ଼କୁ) ସନ୍ତାନଗଣର ହୃଦୟ ଫେରାଇବ ।"* ଦେଖନ୍ତୁ, ଏହି ଏଲିୟଙ୍କ ଆଗମନର ତତ୍‌କ୍ଷଣାତ୍ ପରେ ହିଁ ପୃଥିବୀଟି ଅଗ୍ନି ଦ୍ୱାରା ଜ୍ୱଳି ପରିଷ୍କୃତ ହେବ ଓ ଦୁଷ୍ଟ ଓ ଅଧର୍ମାଚାରୀମାନେ ପୋଡ଼ି ଭସ୍ମ ହୋଇଯିବେ । ବାସ୍ତବରେ, ଏହି ଘଟଣାଟି ଯୋହନ (ତାଙ୍କ ସମୟର ଏଲିୟ)ଙ୍କ ସମୟରେ ଘଟି ନ ଥିଲା । ପରମେଶ୍ୱରଙ୍କ ଆତ୍ମା *ମଲାଖି ୩: ୧* ପଦରେ ବର୍ଣ୍ଣିତ ଦୂତ (ଯୋହନ)ଙ୍କ ଆଗମନ ବିଷୟରେ କରିଥିବା ଭାବବାଣୀଟି *ଯିଶାଇୟ ୪୦: ୩* ପଦର ତାହାଙ୍କ ପୂର୍ବବର୍ତ୍ତୀ (ଏହି ନିମ୍ନୋକ୍ତ) ଭାବବାଣୀ ସଂପର୍କୀୟ ବିବୃତିକୁ ପୁନରାବୃତ୍ତି ହିଁ ମାତ୍ର କରୁଥିଲା, ଯାହାକି ଅତି କମ୍‌ରେ ତିନି ଶହ ବର୍ଷ ପୂର୍ବରୁ କରାଯାଇଥିଲା । ଯଥା: *" ଏକ ଜଣର ରବ ପ୍ରଚାର କରଇ, ତୁମ୍ଭେମାନେ ପ୍ରାନ୍ତରରେ ସଦାପ୍ରଭୁଙ୍କ ପଥ ପ୍ରସ୍ତୁତ କର, ମରୁଭୂମି ମଧ୍ୟରେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନିମନ୍ତେ ରାଜପଥ ସଳଖ କର ।"* ତେବେ, ଯୋହନ ପବିତ୍ର ଆତ୍ମାଙ୍କ ଦ୍ୱାରା *ଯିଶାଇୟ ଓ ମଲାଖୀଙ୍କର* ଉଭୟ ଉକ୍ତିକୁ *ଣାଥିଉ ୩: ୩* ପଦରେ ବ୍ୟକ୍ତ କରିଥିଲେ, ଯଥା: *ଯିଶାଇୟ ଭାବବାଦୀଙ୍କ ଦ୍ୱାରା ଯାହାଙ୍କ ବିଷୟରେ ଏହି ବାକ୍ୟ ଉକ୍ତ ହୋଇଥିଲା, ଏ* ସେହି ବ୍ୟକ୍ତି, *"ପ୍ରାନ୍ତରରେ ଉଚ୍ଚ ଶବ୍ଦ କରୁଥିବା ଜଣକର ସ୍ୱର, ପ୍ରଭୁଙ୍କ ପଥ ପ୍ରସ୍ତୁତ କର, ତାହାଙ୍କ ରାଜଦାଣ୍ଡ ସଳଖ କର ।"* ଏଣୁ ପବିତ୍ରଶାସ୍ତ୍ରର ଏହି ଉକ୍ତିମାନରୁ ଆମେ ଦେଖିପାରୁ ଯେ, *ମଲାଖି ୩* ପର୍ବରେ ଉଲ୍ଲିଖିତ ଭବିଷ୍ୟଦ୍‌ବକ୍ତା, ଯିଏକି ଯୋହନ ଥିଲେ, *ମଲାଖି ୪* ପର୍ବର ସେହି ଭବିଷ୍ୟଦ୍‌ବକ୍ତା ନ ଥିଲେ; ଯଦିଓ ବାସ୍ତବରେ, **ଯୋହନ**

**ଓ ଏହି ଅନ୍ତିମ ଦିନର ଭାବବାଦୀ ଉଭୟଙ୍କ ଉପରେ ସେହି ସମାନ ଆତ୍ମା ରହିଅଛନ୍ତି, ଯେଉଁ ଆତ୍ମା ଏଲିୟଙ୍କଠାରେ ଥିଲା ।**

ତେବେ, *ମଲାଖି ୪ ପର୍ବ* ଓ *ପ୍ରକାଶିତ ବାକ୍ୟ ୧୦: ୭* ପଦର ଏହି ଦୂତ ଜଣକ **ଦୁଇଗୋଟି କାମ** କରିବାକୁ ଯାଉଅଛନ୍ତି । **ପ୍ରଥମତଃ :** *ମଲାଖି ୪ ପର୍ବ* ଅନୁଯାୟୀ ସେ ସନ୍ତାନମାନଙ୍କ ହୃଦୟ ପିତାମାନଙ୍କ ପ୍ରତି (ଆତ୍ଙ୍କୁ) ଫେରାଇବେ । **ଦ୍ୱିତୀୟତଃ :** *ପ୍ରକାଶିତ ୧୦* ପର୍ବରେ ଥିବା ସପ୍ତ ମେଘଗର୍ଜନର ନିଗୁଢ଼ତତ୍ୱସମୂହକୁ('the Mysteries of the Seven Thunders') ସେ ପ୍ରକାଶ କରିବେ ଯାହାକି ସପ୍ତ ମୁଦ୍ରା ମଧ୍ୟରେ ନିହିତ ବିଭିନ୍ନ ପ୍ରକାଶନ ଅଟେ । ଏହା ତ ପରମେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ସେହି **'ନିଗୁଢ଼-ସତ୍ୟସମୂହ'** ('mystery-truths') ହିଁ ହେବ, ଯାହାକି ଯଥାଯଥ ଭାବରେ **ସନ୍ତାନମାନଙ୍କ ହୃଦୟ ପେଣ୍ଟିକଷ୍ଟାଲ୍** ପିତାମାନଙ୍କ **ଆତ୍କୁ ଫେରାଇବ** । ଠିକ୍ ଏପରି ହିଁ ହେବ ।

ତେବେ, ଏହି ବିଷୟକୁ ମଧ୍ୟ ବିଚାର କରନ୍ତୁ । ଏହି ଭାବବାଦୀ- ଦୂତ ଜଣକ ନିଜ ସ୍ୱଭାବ ଓ ବ୍ୟବହାରମାନରେ ଠିକ୍ ସେହିପରି ହେବେ ଯେପରି ଏଲିୟ ଓ ଯୋହନ ଥିଲେ । ଏହି ଭାବବାଦୀ-ଦୂତଙ୍କ ସମୟର ଲୋକମାନେ ମଧ୍ୟ ଠିକ୍ ସେହିପରି ହେବେ, ଯେପରି ସେମାନେ ଆହବ ରାଜା ଓ ଯୋହନ ଡୁବକଙ୍କ ଦିନରେ ଥିଲେ । ପୁଣି ଯେହେତୁ ଏହା **"କେବଳ ସେହି ସନ୍ତାନମାନେ"** ଅଟନ୍ତି, ଯେଉଁମାନଙ୍କ ହୃଦୟ ପରିବର୍ତ୍ତିତ ହେବ, ତେଣୁ ଏହା ତ କେବଳ ସନ୍ତାନମାନେ ହିଁ ଅଟନ୍ତି, ଯେଉଁମାନେ ତାହାଙ୍କର ଶୁଣିବେ । ଆହାବଙ୍କ ଦିନରେ ମାତ୍ର ୭,୦୦୦ (ସାତ ହଜାର) ପ୍ରକୃତ ବୀଜସ୍ୱରୂପ ଇସ୍ରାଏଲୀୟ ଦେଖାଯାଇଥିଲେ । ଯୋହନଙ୍କ ଦିନରେ ମଧ୍ୟ ସେହିପରି ଅତିଅଳ୍ପ ଲୋକ ହିଁ ମିଳିଥିଲେ । ଉଭଯ ଯୁଗରେ ଜନସମୂହ ମୂର୍ତ୍ତିପୂଜାର ଅଶୁଚିତା ଅବା ବ୍ୟଭିଚାରରେ ଲିପ୍ତ ଥିଲେ ।

ମୁଁ ଏହି ଲାଅଦିକୀୟ ଯୁଗର ଭାବବାଦୀ- ଦୂତ ଓ ଯୀଶୁଙ୍କ ପ୍ରଥମ ଆଗମନର ପୂର୍ବରୁ ଆସିଥିବା ଭାବବାଦୀ-ଦୂତ, ଯୋହନଙ୍କ ମଧ୍ୟରେ ଆଉ ଏକ ତୁଳନାକୁ ଉପସ୍ଥାପିତ କରିବାକୁ ଚାହେଁ । ଯୋହନଙ୍କ ସମୟରେ ଥିବା ଲୋକମାନେ ଯୋହନଙ୍କୁ ହିଁ 'ମଶୀହ' ଅର୍ଥାତ୍ **'ଖ୍ରୀଷ୍ଟ'** ବୋଲି ଭୂଲ ଧାରଣା କରିବସିଥିଲେ । *ଯୋହନ ୧: ୧୯-୨୦* ପଦ ଉଲ୍ଲେଖ କରେ, *"ଆପଣ କିଏ, ଏହା ଯୋହନଙ୍କୁ ପଚାରିବା ନିମନ୍ତେ ଯିହୁଦୀମାନେ ଯେତେବେଳେ ଯିରୂଶାଲମରୁ ଯାଜକ ଓ ଲେବିୟମାନଙ୍କୁ ତାହାଙ୍କ ନିକଟକୁ ପଠାଲେ, ସେତେବେଳେ ସେ ଏହି ସାକ୍ଷ୍ୟ ଦେଲେ, ସେ ସ୍ୱୀକାର କଲେ, ଅସ୍ୱୀକାର କଲେ ନାହିଁ; ସେ ସ୍ୱୀକାର କଲେ, ମୁଁ ଖ୍ରୀଷ୍ଟ ନୁହେଁ ।"* ତେବେ, **ଏହି ଅନ୍ତିମ ଦିନର ଭାବବାଦୀ-ଦୂତ ଜଣକ ପ୍ରଭୁଙ୍କ ଆଗରେ ଏପରି ଶକ୍ତିର ଅଧିକାରୀ ହେବେ ଯେ ଏହିପ୍ରକାର କେତେକ ଲୋକ ତାହାଙ୍କୁ ମଧ୍ୟ ଚିହ୍ନିବାକୁ ଭୁଲ କରି ତାହାଙ୍କୁ ହିଁ ପ୍ରଭୁ ଯୀଶୁ ବୋଲି**

**କହିବେ** । (ଅନ୍ତିମ ଦିନରେ ଏହି ସଂସାରରେ 'ଏକ ଆତ୍ମା' (ବାହାର) ହେବ ଯିଏକି କେତେକଙ୍କୁ ଫୁସଲାଇ ଅସତ୍ ପଥରେ ଚାଳିତ କରିବ ଓ ସେମାନଙ୍କୁ ଏହି କଥାରେ ବିଶ୍ୱାସ କରାଇବ *ମାଥିଉ ୨୪: ୨୩-୨୬* ପଦରେ ଉଲ୍ଲିଖିତ ଅଛି, *"ସେତେବେଳେ 'ଦେଖ, ଖ୍ରୀଷ୍ଟ 'ଏଠାରେ', କିଅବା 'ସେଠାରେ' କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ, ତେବେ ତାହା ବିଶ୍ୱାସ କର ନାହିଁ । କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀମାନେ ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ । ଦେଖ, ମୁଁ ପୂର୍ବରୁ ତୁମ୍ଭମାନଙ୍କୁ ଜଣାଇଲି । ଅତଏବ 'ଦେଖ, ସେ ପ୍ରାନ୍ତରରେ ଅଛନ୍ତି', ଲୋକେ ଯଦି ତୁମ୍ଭମାନଙ୍କୁ ଏହି କଥା କହିବେ, ତେବେ ବାହାରିଯାଅ ନାହିଁ; 'ଦେଖ, ସେ ଗୁପ୍ତ କୋଠରୀରେ ଅଛନ୍ତି', ଯଦି ତୁମ୍ଭମାନଙ୍କୁ ଏହି କଥା କହିବେ, ତେବେ ତାହା ବିଶ୍ୱାସ କର ନାହିଁ ।)'* ମାତ୍ର ଆପଣ ସେପରି ବିଶ୍ୱାସ କରନ୍ତୁ ନାହିଁ । ସେ (ଦୂତ) **ଯୀଶୁ ଖ୍ରୀଷ୍ଟ ନୁହନ୍ତି** । ସେ ପରମେଶ୍ୱରଙ୍କ ପୁତ୍ର ନୁହନ୍ତି । **ସେ ତ ଭାଇମାନଙ୍କ ମଧ୍ୟରୁ ଜଣେ, ଏକ ଭବିଷ୍ୟଦ୍‌ବକ୍ତା, ଏକ ବାର୍ତ୍ତାବହ-ଦୂତ, ତଥା ପରମେଶ୍ୱରଙ୍କ ଏକ ଦାସ ହିଁ ଅଟନ୍ତି** । ସେ (ଏହି ଦୂତ) ଆପଣା ଉପରେ ରଖାଯାଇଥିବା ସେହି ସମ୍ମାନଠାରୁ କିଛି ଶ୍ରେଷ୍ଠତର ବା ମହତ୍ତର ସମ୍ମାନକୁ ପ୍ରାପ୍ତ କରିବାକୁ ପ୍ରୟୋଜନ କରନ୍ତି ନାହିଁ, ଯେଉଁ ସମ୍ମାନ ବା ଆଦର ଯୋହନ ପ୍ରାପ୍ତ କରିଥିଲେ, ଯେତେବେଳେ କି ସେ ସେହି ରବ ମାତ୍ର ହିଁ ଥିଲେ ଯାହାକି ଚିତ୍କାର କରି କହିଥିଲା, *"ମୁଁ ସେ ନୁହେଁ,* **ମାତ୍ର ସେ ମୋ' ଉତ୍ତାରେ ଆସୁଅଛନ୍ତି** ।"

ଲାଅଦିକୀୟ ଯୁଗର ଏହି ଦୂତଙ୍କ ଉପରେ ଆଧାରିତ ଆଲୋଚନାର ଏହି ଅଂଶକୁ ସମାପ୍ତ କରିବା ପୂର୍ବରୁ, ଆମେ ନିଶ୍ଚିତଭାବେ ଏହି ଦୁଇଟି ଚିନ୍ତାଧାରାକୁ ଗମ୍ଭୀରତାର ସହିତ ବିବେଚନା କରୁଁ । ପ୍ରଥମତଃ, ଏହି ଯୁଗରେ **ଜଣେ** ହିଁ ଭାବବାଦୀ-ଦୂତ ରହିବେ । *ପ୍ରକାଶିତ ୧୦: ୭*ପଦ ଉଲ୍ଲେଖ କରେ, " . . . *ଯେତେବେଳେ ସେ (ଏକବଚନ) ତୂରୀଧ୍ୱନି କରିବାକୁ ଉଦ୍ୟତ ହେବେ ।*" ଏପରି କୌଣସି ଯୁଗ କଦାପି ହୋଇ ନାହିଁ ଯେଉଁଥିରେ ପରମେଶ୍ୱର ତାହାଙ୍କର ଲୋକମାନଙ୍କୁ ଏକ ସମୟରେ ଦୁଇଟି **ମୁଖ୍ୟ ଭାବବାଦୀ**ଙ୍କୁ ପ୍ରଦାନ କରିଥିଲେ । ସେ ହନୋକଙ୍କୁ (ଏକାକୀ) ଦାନ କରିଥିଲେ; ସେ ନୋହଙ୍କୁ (ଏକାକୀ) ଦାନ କରିଥିଲେ; ସେ ମୋଶାଙ୍କୁ ଦାନ କରିଥିଲେ (ଏକାକୀ ତାହାଙ୍କ ନିକଟରେ ହିଁ ପରମେଶ୍ୱରଙ୍କ ବାକ୍ୟ ରହିଥିଲା ଯଦ୍ୟପି ଅନ୍ୟମାନେ ଭବିଷ୍ୟତ୍‌ବାଣୀ କରିଥିଲେ); ବାପ୍ତିଜକ ଯୋହନ **ଏକାକୀ** ଆସିଥିଲେ । ଏବେ, ଏହି ଅନ୍ତିମ ଦିନରେ ମଧ୍ୟ ଏକ **ଭବିଷ୍ୟଦ୍‌ବକ୍ତା**ଙ୍କୁ ଆସିବାକୁ ଅଛି (ଏକ ଭବିଷ୍ୟଦ୍‌ବକ୍ତ୍ରୀ ନୁହେଁ) । ଯଦିଓ ଏହି ଯୁଗରେ ପୁରୁଷମାନଙ୍କ ଅପେକ୍ଷା ଅଧିକ ସ୍ତ୍ରୀଲୋକ ପରମେଶ୍ୱରଙ୍କ ପ୍ରକାଶନକୁ ଦେବା ନିମନ୍ତେ ଭାବ ପ୍ରକାଶ କରୁଅଛନ୍ତି), ପୁଣି ପରମେଶ୍ୱରଙ୍କ ଅଭ୍ରାନ୍ତ ଓ ଅବ୍ୟର୍ଥ

ବାକ୍ୟ ଉଲ୍ଲେଖ କରେ ଯେ, **ସେ ପୁରୁଷ (he)** (ଭବିଷ୍ୟଦ୍‌ବକ୍ତା) ଏହି ଶେଷକାଳୀନ ଲୋକମାନଙ୍କ ନିକଟରେ ନିଗୂଢ଼ ତଥ୍ୟମାନ ପ୍ରକାଶ କରିବେ, ଏବଂ **ସନ୍ତାନମାନଙ୍କ ହୃଦୟକୁ ପିତାମାନଙ୍କ ପ୍ରତି** (ଆଡ଼କୁ) ଫେରାଇବେ । ଏପରି ମଧ୍ୟ ଲୋକମାନେ ରହିଅଛନ୍ତି ଯେଉଁମାନେ କହନ୍ତି ଯେ ପରମେଶ୍ୱରଙ୍କ ଲୋକମାନେ ଏକ ସାମୂହିକ ପ୍ରକାଶନ(**collective revelation**) ଦ୍ୱାରା ଏକତ୍ର ଆସିବାକୁ ଯାଉଅଛନ୍ତି । ମୁଁ ସେହି ବିବୃତିର ବିରୁଦ୍ଧରେ ଆପତ୍ତିର ଡାକରା(**challenge**) ଦିଏ । *ପ୍ରକାଶିତ ବାକ୍ୟ ୧୦: ୭* ପଦ ସମ୍ମୁଖରେ ଏହି ବିବୃତିଟି ଏକ ନିରର୍ଥକ, ଅଯୌକ୍ତିକର ବା ମୂଲ୍ୟହୀନ ଧାରଣା ଅଟେ । ତେବେ ଲୋକମାନେ ଯେ ଏହି ଅନ୍ତିମ ଯୁଗରେ ଭାବବାଣୀ କରିବେ ପୁଣି ସେମାନଙ୍କ ସେବାକାର୍ଯ୍ୟ ସଠିକ୍ ହୋଇପାରେ ଓ ହେବ, ଏହା ମୁଁ ଅସ୍ୱୀକାର କରୁନାହିଁ । ଏହି ଯୁଗରେ ମଧ୍ୟ ଯେ ଭବିଷ୍ୟଦ୍‌ବକ୍ତାଗଣ ହେବେ, ଏହା ମୁଁ ଅସ୍ୱୀକାର କରୁନାହିଁ, ଯେପରିକି ପାଉଲଙ୍କ ଦିନରେ ସୁଦ୍ଧା ରହିଥିଲେ, ଯେତେବେଳେ କି "ଆଗାବ(**Agabus**) ନାମକ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ଯିଏ ଏକ ଦୁର୍ଭିକ୍ଷ ବିଷୟରେ ଭାବବାଣୀ କରିଥିଲେ" । ତାହା ଯେ ଏହିପରି ଅଟେ ଏଥିରେ ମୁଁ ଏକମତ । **ମାତ୍ର ବାକ୍ୟର ନିର୍ଭୁଲ ପ୍ରମାଣର ଆଧାରରେ ଯେ ଜଣେ ମୁଖ୍ୟ ଭାବବାଦୀ-ଦୂତଙ୍କ ଅପେକ୍ଷା ଅଧିକ ଭାବବାଦୀ-ଦୂତ ରହିଛନ୍ତି ଏହି ବିଷୟକୁ ମୁଁ ଅସ୍ୱୀକାର କରେ ଯିଏକି ବାକ୍ୟରେ ନିହିତ ନିଗୂଢ଼ ସଂକଳ୍ପମାନକୁ ପ୍ରକାଶ କରିବେ, ପୁଣି ଯାହାଙ୍କ ନିକଟରେ ସନ୍ତାନମାନଙ୍କ ହୃଦୟକୁ ପିତାମାନଙ୍କ ଆଡକୁ ଫେରାଇବା ନିମନ୍ତେ ଏକ ସେବାପଦ ରହିବ** । ତାହାଙ୍କର ଅପରିବର୍ତ୍ତନୀୟ ଓ ଅଟଳ ବାକ୍ୟ ଦ୍ୱାରା "**ସଦାପ୍ରଭୁ ଏହି କଥା କହନ୍ତି**" ଉକ୍ତିଟି ସ୍ଥାୟୀ ଓ ସ୍ଥିର ରହେ ଓ ସ୍ଥିର ରହିବ, ପୁଣି ସତ୍ୟ-ପ୍ରମାଣିତ ହେବ । ଏହି ଯୁଗ ନିମନ୍ତେ ଉଦ୍ଦିଷ୍ଟ କେବଳ ଜଣେ ହିଁ ଭାବବାଦୀ-ଦୂତ ରହିଅଛନ୍ତି । କେବଳ ମାନବୀୟ ଆଚରଣର ଆଧାରରେ, ଯେକୌଣସି ଲୋକ ଏହା ଜାଣନ୍ତି ଯେ ଯେଉଁଠାରେ ଅନେକ ଲୋକ ରହିଥା'ନ୍ତି ସେଠାରେ ଏକ ମୁଖ୍ୟ ସିଦ୍ଧାନ୍ତର କେତେକ କ୍ଷୁଦ୍ର ବିଷୟ ଉପରେ ମଧ୍ୟ ସେମାନଙ୍କର ଏପରି ବିଭାଜିତ ବିଚାରମତ ରହିଥାଏ, ଯାହାକୁ ସେମାନେ ସମସ୍ତେ ଏକସଙ୍ଗରେ ଧାରଣ କରିଥା'ନ୍ତି । ତେବେ, ସେହି ଅପରିବର୍ତ୍ତନୀୟତା ବା ଅଭ୍ରାନ୍ତତାର ଶକ୍ତିକୁ କିଏ ଲାଭ କରିବ ଯାହାକି ଏହି ଶେଷ ଯୁଗରେ ପୁନଃସ୍ଥାପିତ ହେବାକୁ ଅଛି, କାରଣ ଏହି ଅନ୍ତିମ ଯୁଗ ସେହି ବିଶୁଦ୍ଧ ବାକ୍ୟ-ରୂପା କନ୍ୟା (**the Pure Word Bride**)ଙ୍କୁ ପ୍ରକଟିତ କରିବା ପାଇଁ ଆପଣାର ପୂର୍ବସ୍ଥିତିର ଅବସ୍ଥାକୁ ଫେରିଯିବାକୁ ଅଗ୍ରସର ହେଉଅଛି ? ତାହାର ଅର୍ଥ ହେଉଛି ଯେ, ଆମେ ସେହି ବାକ୍ୟକୁ ପୁଣି ଆଉଥରେ ଠିକ୍ ସେହିପରି ପ୍ରାପ୍ତ କରିବା ଯେପରିକି ଏହା ପାଉଲଙ୍କ ଦିନରେ ବିଶୁଦ୍ଧଭାବେ ପ୍ରଦତ୍ତ ହୋଇଥିଲା ଓ ବିଶୁଦ୍ଧତାର ସହିତ ବୁଝାଯାଇଥିଲା । ମୁଁ ଆପଣଙ୍କୁ କହିବି ଯେ ଏହାକୁ କିଏ ଲାଭ କରିବେ । ଏହା ତ ସଂପୂର୍ଣ୍ଣରୂପେ ସତ୍ୟ-ପ୍ରମାଣିତ ହୋଇଥିବା ଜଣେ ଭବିଷ୍ୟଦ୍‌ବକ୍ତା ହିଁ ହେବେ, ବରଂ ଏପରିକି

ହନୋକଙ୍କ ସମୟଠାରୁ ନେଇ ଏହି ସମୟ ପର୍ଯ୍ୟନ୍ତ ସମସ୍ତ ଯୁଗରେ ରହିଥିବା ଯେକୌଣସି ଭବିଷ୍ୟଦ୍‌ବକ୍ତାଙ୍କଠାରୁ ମଧ୍ୟ ଆହୁରି ଅଧିକ ସମ୍ପୂର୍ଣ୍ଣଭାବେ ସତ୍ୟ-ପ୍ରମାଣିତ ହେବେ, କାରଣ **'ସେହି ଶିଖରର ପ୍ରସ୍ତରସ୍ୱରୂପୀ ଭାବବାଣୀ ସମ୍ବନ୍ଧୀୟ ସେବାକାର୍ଯ୍ୟ' (the capstone prophetic ministry)** ରହିବା ଆବଶ୍ୟକ, ପୁଣି ପରମେଶ୍ୱର ତାହା ତାହାଙ୍କୁ ଦେଖାଇବେ । ତାହାଙ୍କ ନିଜ ବିଷୟରେ କହିବାର ତାହାଙ୍କୁ ପ୍ରୟୋଜନ ରହିବ ନାହିଁ, କାରଣ ପରମେଶ୍ୱର ନିଜେ ସେହି ଚିହ୍ନର ରବ ଦ୍ୱାରା ତାହାଙ୍କର ସପକ୍ଷରେ କଥା କହିବେ । ଆମେନ୍ ।

ଦ୍ୱିତୀୟ ଚିନ୍ତାଧାରାଟି, ଯାହାକି ନିଶ୍ଚିତରୂପେ ଆମ ହୃଦୟରେ ଗଭୀରଭାବେ ରେଖାଙ୍କିତ ହେବା କଥା, ତାହା ଏହା ଯେ, ଏହି ସପ୍ତ ମଣ୍ଡଳୀ ଯୁଗସମୂହ ଖ୍ରୀଷ୍ଟାରିର ଆତ୍ମା ଏବଂ ପବିତ୍ର ଆତ୍ମାଙ୍କ ସହ ସମାନ ଭାବରେ ପ୍ରାରମ୍ଭ ହୋଇଥିଲା, ଯେଉଁ ପବିତ୍ର ଆତ୍ମା ଯୁଗେ ଯୁଗେ ଧନ୍ୟ ହେଉନ୍ତୁ । *୧ମ ଯୋହନ ୪: ୧* ପଦ ବର୍ଣ୍ଣନା କରେ, *"ହେ ପ୍ରିୟମାନେ, ପ୍ରତ୍ୟେକ ଆତ୍ମାକୁ ବିଶ୍ୱାସ କର ନାହିଁ, ବରଂ ଆତ୍ମାମାନେ ପରମେଶ୍ୱରଙ୍କଠାରୁ ଆଗତ କି ନାହିଁ, ଏହା ସେମାନଙ୍କୁ ପରୀକ୍ଷା କରି ଦେଖ, କାରଣ* **ଜଗତରେ ଅନେକ ଭଣ୍ଡ ଭାବବାଦୀ** *ବାହାରିଅଛନ୍ତି ।"* ଆପଣ କଅଣ ଏହା ଲକ୍ଷ୍ୟ କଲେ ? ସେହି ଖ୍ରୀଷ୍ଟାରିର ଆତ୍ମା ଭଣ୍ଡ ଭାବବାଦୀମାନଙ୍କ ସହିତ ଅବିଚ୍ଛେଦ୍ୟ ଭାବେ ସଂପୃକ୍ତଥାଇ ସେମାନଙ୍କଠାରେ ତାହା ଦେଖାଯାଇଥିଲା । ମଣ୍ଡଳୀ ଯୁଗଗୁଡ଼ିକ ଭଣ୍ଡ ଭାବବାଦୀମାନଙ୍କ ସହିତ ଆଗତ ହୋଇଥିଲା ପୁଣି ସେଗୁଡ଼ିକ ସେହି ଭଣ୍ଡ ଭାବବାଦୀମାନଙ୍କର ସହିତ ହିଁ ସମାପ୍ତ ହୋଇଯିବ । ତେବେ, ପ୍ରକାଶିତ ବାକ୍ୟରେ ଉଲ୍ଲିଖିତ ସେହି ମନୁଷ୍ୟ ବାବଦରେ ଥିବା ବୃହତ୍ ଧାରଣା ଅନୁସାରେ ଅବଶ୍ୟ ହିଁ ଏକ **ବାସ୍ତବ ଭଣ୍ଡ ଭାବବାଦୀ** ଉଭା ହେବାକୁ ଯାଉଅଛନ୍ତି । ମାତ୍ର ବର୍ତ୍ତମାନ ସମୟରେ ହିଁ ତାହାର ପ୍ରକାଶନ ପୂର୍ବରୁ ଅନେକ ଭଣ୍ଡ ଭାବବାଦୀମାନଙ୍କୁ ଉଭା ହେବାକୁ ଅଛି । **ମାଥିଉ ୨୪:୨୩-୨୬**ପଦ ବ୍ୟକ୍ତ କରେ, *"ସେତେବେଳେ 'ଦେଖ, ଖ୍ରୀଷ୍ଟ ଏଠାରେ କିବା 'ସେଠାରେ', କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ, ତେବେ ତାହା ବିଶ୍ୱାସ କର ନାହିଁ । କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀମାନେ ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ । ଦେଖ, ମୁଁ ପୂର୍ବରୁ ତୁମ୍ଭମାନଙ୍କୁ ଜଣାଇଲି । ଅତଏବ 'ଦେଖ, ସେ ପ୍ରାନ୍ତରରେ ଅଛନ୍ତି', ଲୋକେ ଯଦି ତୁମ୍ଭମାନଙ୍କୁ ଏହି କଥା କହିବେ, ତେବେ ବାହାରିଯାଅ ନାହିଁ; 'ଦେଖ, ସେ ଗୁପ୍ତ କୋଠରୀରେ ଅଛନ୍ତି', ଯଦି ଏହା କହିବେ, ତେବେ ତାହା ବିଶ୍ୱାସ କର ନାହିଁ ।"* ଏହି ଭଣ୍ଡ ଭାବବାଦୀମାନେ ନିମ୍ନଲିଖିତ ମତେ ଅନ୍ୟାନ୍ୟ ବିବିଧ ଶାସ୍ତ୍ରାଂଶରେ ଆମ ନିମନ୍ତେ ସ୍ୱତନ୍ତ୍ର ଚିହ୍ନସ୍ୱରୂପ କରାଯାଇଅଛନ୍ତି, ଯଥା: *୨ୟ ପିତର ୨: ୧-୨ ପଦ "କିନ୍ତୁ ଲୋକମାନଙ୍କ ମଧ୍ୟରେ ଭଣ୍ଡ ଭାବବାଦୀମାନେ ମଧ୍ୟ ଉତ୍ପନ୍ନ ହେଲେ; ସେହିପରି ତୁମ୍ଭମାନଙ୍କ ମଧ୍ୟରେ ସୁଦ୍ଧା*

*ଭଣ୍ଡ ଶିକ୍ଷକମାନେ ଉତ୍ପନ୍ନ ହେବେ ସେମାନେ ବିନାଶଜନକ ଭ୍ରାନ୍ତ ମତ ଗୁପ୍ତରେ ପ୍ରଚଳନ କରି ସେମାନଙ୍କର କ୍ରୟକର୍ତ୍ତା ପ୍ରଭୁଙ୍କୁ ହିଁ ଅସ୍ୱୀକାର କରିବେ, ପୁଣି ଆପଣାମାନଙ୍କର ଆକସ୍ମିକ ସର୍ବନାଶ ଘଟାଇବେ । ଆଉ, ଅନେକେ ସେମାନଙ୍କ କାମୁକତାର ଅନୁଗାମୀ ହେବେ, ଫଳତଃ ଏମାନଙ୍କ ହେତୁ ସତ୍ୟ ମାର୍ଗ ନିନ୍ଦିତ ହେବ ।' ପୁଣି ୨ୟ ତୀମଥି ୪: ୩-୪ ପଦ ଉଲ୍ଲେଖ କରେ, "କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ, ପୁଣି ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ ।"* ପୁଣି *୧ମ ତୀମଥି ୪: ୧-୨* ପଦରେ ବ୍ୟକ୍ତ ଅଛି, *"ଆତ୍ମା ସ୍ପଷ୍ଟରୂପେ କହୁଅଛନ୍ତି, ଉତ୍ତର (ଶେଷ) କାଳରେ କେହି କେହି ଭ୍ରଷ୍ଟବିବେକ ମିଥ୍ୟାବାଦୀ ଲୋକମାନଙ୍କ କପଟପଣରେ ଭ୍ରାନ୍ତିଜନକ ଆତ୍ମାମାନଙ୍କ ପ୍ରତି ଓ ଭୂତମାନଙ୍କ ଶିକ୍ଷା ପ୍ରତି ମନୋଯୋଗ କରି ବିଶ୍ୱାସ ପରିତ୍ୟାଗ କରିବେ ।"* ତେବେ, ପ୍ରତ୍ୟେକଟି ଘଟଣାରେ ଆପଣ ଲକ୍ଷ୍ୟ କରିବେ ଯେ ଭଣ୍ଡ ଭାବବାଦୀ ଜଣକ ସେ ବ୍ୟକ୍ତି ଅଟନ୍ତି ଯିଏକି ପରମେଶ୍ୱରଙ୍କ ବାକ୍ୟର ବାହାରେ ରହିଥା'ନ୍ତି । ଠିକ୍ ଯେପରି ଆମେ ଆପଣଙ୍କୁ ଦର୍ଶାଇ ଥିଲୁ ଯେ 'ଖ୍ରୀଷ୍ଟାରୀ' ଅବା 'ଭଣ୍ଡ-ଖ୍ରୀଷ୍ଟ'ର ଅର୍ଥ ବାକ୍ୟ 'ବିରୋଧୀ' ଅଟେ, ଏଣୁ ଏହି ଭଣ୍ଡ ଭାବବାଦୀଗଣ ବାକ୍ୟକୁ ବିକୃତ ବା କଦର୍ଥ କରିବାକୁ ଆସିଥାନ୍ତି, ପୁଣି ତାହାକୁ ଏପରି ଏକ ଅର୍ଥ ପ୍ରଦାନ କରନ୍ତି ଯାହାକି ସେମାନଙ୍କ ନିଜ ଶୟତାନିକ ପରିଣାମମାନ ବା ଚରମଦଶା ସହ ଖାପ ଖାଏ । ଆପଣ କ'ଣ କେବେ ଏହା ଲକ୍ଷ୍ୟ କରିଛନ୍ତି ଯେ, ଯେଉଁ ଲୋକମାନେ ଅନ୍ୟମାନଙ୍କୁ ବିପଥରେ କଢ଼ାଇ ନେବାରେ ନେତୃତ୍ୱ କରନ୍ତି, କିପରି ଭାବରେ ଭୟ ଦେଖାଇ ସେମାନଙ୍କୁ ଆପଣାର ଅତି ନିକଟରେ ବାନ୍ଧି ରଖନ୍ତି? ସେମାନେ କହନ୍ତି, ଯଦି ଲୋକମାନେ ସେମାନଙ୍କ କହିବାନୁସାରେ ନ କରନ୍ତି କିମ୍ବା ସେମାନେ ଯଦି ଛାଡ଼ି ଚାଲିଯା'ନ୍ତି, ତେବେ ବିନାଶ ସେମାନଙ୍କ ପଛେ ପଛେ ଗୋଡ଼ାଇବ । ସେମାନେ ଭଣ୍ଡ ଭାବବାଦୀ ଅଟନ୍ତି, କାରଣ ଜଣେ ପ୍ରକୃତ ଭାବବାଦୀ ସଦାସର୍ବଦା ଜଣେ ବ୍ୟକ୍ତିଙ୍କୁ ବାକ୍ୟର ଆଡ଼କୁ କଢ଼ାଇ ନେବେ ଓ ଲୋକମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବାନ୍ଧି ରଖିବେ, ପୁଣି ସେମାନେ ତାଙ୍କୁ ଅବା ସେ କହିଥିବା ତାଙ୍କ କଥାକୁ ଯେ ଭୟ କରନ୍ତୁ ଏହା ଲୋକମାନଙ୍କୁ (ସେ) କହିବେ ନାହିଁ, ମାତ୍ର ପରମେଶ୍ୱରଙ୍କ ବାକ୍ୟ ଯାହା କହେ ତାହାକୁ ଭୟ କରନ୍ତୁ ବୋଲି କହିବେ । ଧ୍ୟାନ ଦିଅନ୍ତୁ ଯେ ଏହି ଭଣ୍ଡ ଭାବବାଦୀଗଣ କିପରି ଯିଦୂଦା ପରି ଧନର ପଛରେ ପଡ଼ିଅଛନ୍ତି । ସେମାନେ ଆପଣଙ୍କୁ ଏପରି ହାତ କରିବେ ଯେପରିକି ଆପଣ ଆପଣଙ୍କର ସମସ୍ତ କିଛି (ସ୍ଥାବର-ଅସ୍ଥାବର ସମ୍ପତ୍ତି) ବିକ୍ରୟ କରି ଦିଅନ୍ତି ଏବଂ ସେହି ସମସ୍ତ ଧନ ସେମାନଙ୍କୁ ଓ ସେମାନଙ୍କର ବିଭିନ୍ନ ଯୋଜନାରେ ଦାନ କରନ୍ତି । ସେମାନେ ବାକ୍ୟ-ପଚାର ଅପେକ୍ଷା ଦାନ ସଂଗ୍ରହ ଆଦିରେ ଅଧିକ ସମୟ ବ୍ୟତୀତ କରିଥାନ୍ତି । ଯେଉଁମାନେ

ଆତ୍ମାଙ୍କର ଦାନସମୂହକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରନ୍ତି, ସେମାନେ ଏପରି ଏକ ବରଦାନକୁ ବ୍ୟବହାରରେ ଆଣିବେ ଯେଉଁଥିରେ ତ୍ରୁଟି ବା ଭ୍ରମର ଏକ ବ୍ୟବଧାନ ରହିଅଛି, ଓ ତତ୍‌ପରେ ତା' ସପକ୍ଷରେ ସେମାନେ ଅର୍ଥ ମାଗନ୍ତି, ଆଉ ବାକ୍ୟକୁ ଉପେକ୍ଷା କରନ୍ତି, ପୁଣି ଏହା ପରମେଶ୍ୱରଙ୍କର ଦାନ ବୋଲି ଆଖ୍ୟା ଦିଅନ୍ତି । ଆଉ ଲୋକମାନେ ସେମାନଙ୍କ ନିକଟକୁ ଯିବେ, ଓ ସେମାନଙ୍କର ସମସ୍ତ ବିଷୟ ସହ୍ୟ କରିବେ ଏବଂ ସେମାନଙ୍କୁ ସହଯୋଗ କରିବେ, ପୁଣି ଏହା ହିଁ ସେହି ମୃତ୍ୟୁର ମାର୍ଗ ତାହା ନ ଜାଣି ସେମାନଙ୍କୁ ବିଶ୍ୱାସ କରିବେ । ହଁ, ଏହି ଧରାପୃଷ୍ଠଟି ଜାଗତିକ ନକଲକାରୀ ବା ଅଭିନୟକାରୀ (impersonators) ମାନଙ୍କରେ ପରିପୂର୍ଣ୍ଣ ଅଟେ । ଆଉ ସେହି ଅନ୍ତିମ ଦିନରେ ସେମାନେ ସେହି ଭାବବାଦୀ-ଦୂତଙ୍କର ନକଲ କରିବା ପାଇଁ ଚେଷ୍ଟା କରିବେ । ସ୍କେବା ନାମକ ଯାଜକଙ୍କର ସାତଗୋଟି ପୁତ୍ର ପାଉଲଙ୍କର ନକଲ କରିବାକୁ ଚେଷ୍ଟା କରିଥିଲେ । ସେହି ମାୟାବୀ ବା ଯାଦୁଗର ଶିମୋନ ପିତରଙ୍କର ନକଲ କରିବାକୁ ଚେଷ୍ଟା କରିଥିଲେ । ସେମାନଙ୍କର ଏହି ଅନ୍ୟରୂପ-ଧାରଣକାରୀ ବା ନକଲକାରୀ କାର୍ଯ୍ୟଗୁଡିକ ଶାରୀରିକ ହେବ । ସେହି ପ୍ରକୃତ ଭାବବାଦୀ-ଦୂତ ଯାହାକିଛି ବିଷୟ ଉପସ୍ଥାପିତ କରନ୍ତି ତାହା ସେମାନେ ଉପସ୍ଥାପିତ କରିବା ପାଇଁ କଦାପି ଯୋଗ୍ୟ ହେବେ ନାହିଁ । ଯେତେବେଳେ ସେ (ପ୍ରକୃତ ଭାବବାଦୀ-ଦୂତ) କହନ୍ତି କି ଉଦ୍ଦୀପନା ଶେଷ ହୋଇଯାଇଅଛି, ସେତେବେଳେ ସେମାନେ ସର୍ବତ୍ର ବୁଲି ବୁଲି ଏକ ମହାନ ପ୍ରକାଶନର ଦାବୀ କରି କହିବେ ଯେ ଲୋକମାନେ ଯାହା ଲାଭ କରିଛନ୍ତି ତାହା ଯଥାର୍ଥରୂପେ ଠିକ୍ ଅଟେ ଏବଂ ପରମେଶ୍ୱର ଲୋକମାନଙ୍କ ମଧ୍ୟରେ ବୃହତ୍ତର ପୁଣି ଅତ୍ୟଧିକ ଆଶ୍ଚର୍ଯ୍ୟଜନକ ବିଷୟ କରିବାକୁ ଯାଉଅଛନ୍ତି । ଆଉ ଲୋକମାନେ ଏଥିପ୍ରତି ଆକର୍ଷିତ ହୋଇପଡିବେ । ଏହି ସମାନ ଭଣ୍ଡ ଭାବବାଦୀମାନେ ହିଁ ଦାବୀ କରିବେ ଯେ ଅନ୍ତିମ ଦିନର ବାର୍ତ୍ତାବହ-ଦୂତ ଜଣକ ଏକ ପରମାର୍ଥବିଦ୍ୟା ବିଶାରଦ ବା ଈଶ୍ୱରତତ୍ତ୍ୱବିତ୍ (theologians) ନୁହନ୍ତି, ଏଣୁ ତାହାଙ୍କର ବାର୍ତ୍ତା ଶୁଣିବା ଉଚିତ ହେବ ନାହିଁ । ସେହି ଦୂତ ଯାହାକିଛି ଉପସ୍ଥାପିତ କରିପାରନ୍ତି, ସେସବୁ ସେହି ଭଣ୍ଡ ଭାବବାଦୀମାନେ କରିବା ନିମନ୍ତେ ସମର୍ଥ ହେବେ ନାହିଁ; ସେହି ଶେଷ ଦିନର ଭବିଷ୍ୟଦ୍‌ବକ୍ତାଙ୍କ ପରି ସେମାନେ ପରମେଶ୍ୱରଙ୍କ ଦ୍ୱାରା ସତ୍ୟ-ପ୍ରମାଣିତ କରାଯିବେ ନାହିଁ, ମାତ୍ର ସେମାନଙ୍କ ବଡ଼-ବଡ଼ ସୌଖିନୀଆଁ କଥା ଓ ସେମାନଙ୍କର ବିଶ୍ୱବ୍ୟାପୀ ସୁଖ୍ୟାତିର ଚାପ ଦ୍ୱାରା ସେମାନେ ସେହି ମନୁଷ୍ୟ (ଦୂତ) ର କଥାକୁ ନ ଶୁଣିବା ପାଇଁ ଲୋକମାନଙ୍କୁ ସତର୍କ କରିଦେବେ, ପୁଣି ସେ ବ୍ୟକ୍ତି ଭୁଲ୍ ଶିକ୍ଷା ଦିଅନ୍ତି ବୋଲି ସେମାନେ କହି ବୁଲିବେ । ସେମାନେ ତ ସେମାନଙ୍କ ପିତୃପୁରୁଷ ସେହି ଫାରୁଶୀମାନଙ୍କ ମାର୍ଗରେ ଯଥାର୍ଥଭାବେ ଧାବମାନ ହେଉଅଛନ୍ତି, ଯେଉଁମାନେ କି ଶୟତାନଠାରୁ ଅବା ଶୟତାନର ସନ୍ତାନ ଥିଲେ, କାରଣ ସେମାନେ ଦାବୀ କରିଥିଲେ ଯେ ଯୋହନ ଓ ଯୀଶୁ ଉଭୟେ ଭୁଲ୍ ଶିକ୍ଷା ଦେଇଥିଲେ ।

ତେବେ ଏହି ଭଣ୍ଡ ଭାବବାଦୀମାନେ କାହିଁକି ସେହି ପ୍ରକୃତ ଭାବବାଦୀଙ୍କ ବିରୁଦ୍ଧରେ ଆସନ୍ତି ଓ ତାହାଙ୍କର ଶିକ୍ଷାର ଦୁର୍ନାମ କରନ୍ତି ବା ତାହାଙ୍କର ଶିକ୍ଷାଗୁଡିକୁ ମିଥ୍ୟା ବୋଲି ଆରୋପ କରିଥା'ନ୍ତି ? କାରଣ ସେମାନେ ଠିକ୍ ସେହି ଆଦର୍ଶ ପଛରେ ପ୍ରକୃତରେ ଦୌଡୁଅଛନ୍ତି ଯେପରିକି ସେମାନଙ୍କର ପିତୃପୁରୁଷମାନେ ଆହବ ରାଜାଙ୍କ ଦିନରେ ସେସମୟର ପ୍ରକୃତ ଭବିଷ୍ୟଦ୍‌ବକ୍ତା ମୀଖାୟଙ୍କ ବିରୁଦ୍ଧରେ ପ୍ରତିରୋଧ କରିଥିଲେ । ସେମାନେ ସର୍ବମୋଟ ଚାରି ଶହ ଲୋକ ଥିଲେ ଓ **ସେମାନଙ୍କ ମଧ୍ୟରୁ ସମସ୍ତେ ଏକ ରାଜିନାମା ମଧ୍ୟରେ ଆବଦ୍ଧ ଥିଲେ; ପୁଣି ତଦ୍ଵାରା ସମସ୍ତେ ଗୋଟିଏ ବିଷୟ ହିଁ କଥା କହି ଲୋକମାନଙ୍କୁ ପ୍ରତାରିତ କରିଥିଲେ** । ତେବେ **ଜଣେମାତ୍ର** ଭାବବାଦୀ -**କେବଳ ଜଣେମାତ୍ର**- ହିଁ ଠିକ୍ ଥିଲେ, ଆଉ ଅବଶିଷ୍ଟ ସମସ୍ତେ ଭୁଲ୍ ଥିଲେ କାରଣ ପରମେଶ୍ୱର କେବଳ ଜଣକଙ୍କ ନିକଟରେ ପ୍ରକାଶନକୁ ନ୍ୟସ୍ତ କରିଥିଲେ ।

ଭଣ୍ଡ ଭାବବାଦୀମାନଙ୍କଠାରୁ ସାବଧାନ, କାରଣ ସେମାନେ ହିଂସ୍ରକ ବାଘତୁଲ୍ୟ ଅଟନ୍ତି ।

ବର୍ତ୍ତମାନ ସୁଦ୍ଧା ଯଦି ଆପଣମାନେ ଏହି ବିଷୟକୁ ନେଇ କୌଣସି ସନ୍ଦେହରେ ପଡିଥା'ନ୍ତି, ତେବେ ପରମେଶ୍ୱରଙ୍କୁ ନିବେଦନ କରନ୍ତୁ ଯେପରିକି ସେ ଆପଣଙ୍କୁ ତାହାଙ୍କର ଆତ୍ମାରେ ପରିପୂର୍ଣ୍ଣ କରନ୍ତି ଓ ଆପଣଙ୍କୁ କଢ଼ାଇ ନିଅନ୍ତି, **କାରଣ ପ୍ରକୃତ ନିର୍ବାଚିତ ବା ମନୋନୀତଗଣ ଭ୍ରାନ୍ତ କରାଯାଇ (ଠକାଯାଇ) ପାରିବେ ନାହିଁ** । ଆପଣ କଅଣ ତାହା ବୁଝିଲେ ? ଏପରି କୌଣସି ବ୍ୟକ୍ତି ନାହିଁ ଯିଏକି ଆପଣଙ୍କୁ ପ୍ରତାରିତ କରିପାରେ ବା ଠକିପାରେ । ପାଉଲ ଯଦି ଭୁଲ୍ ହୋଇଥା'ନ୍ତେ ତେବେ ସୁଦ୍ଧା କୌଣସି ନିର୍ବାଚିତ ବ୍ୟକ୍ତିଙ୍କୁ ସେ ଭ୍ରାନ୍ତ କରିପାରି ନ ଥା'ନ୍ତେ । ପୁଣି ସେହି ପ୍ରଥମ ଏଫିସୀୟ ମଣ୍ଡଳୀ ଯୁଗରେ ନିର୍ବାଚିତମାନେ ପ୍ରତାରିତ ହୋଇ ପାରି ନ ଥିଲେ, କାରଣ ସେମାନେ ଭଣ୍ଡ ପ୍ରେରିତ ଓ ଭଣ୍ଡ ଭାବବାଦୀମାନଙ୍କୁ ପରୀକ୍ଷା କରିଥିଲେ ଏବଂ ମିଥ୍ୟାବାଦୀ ବୋଲି ଚିହ୍ନିଥିଲେ, ପୁଣି ସେମାନଙ୍କୁ ବହିଷ୍କୃତ କରି ଦେଇଥିଲେ । ହାଲ୍ଲିଲୁୟା । **ତାହାଙ୍କର** ମେଷମାନେ ତାହାଙ୍କ ରବ ଶୁଣନ୍ତି ପୁଣି ସେମାନେ **ତାହାଙ୍କର** ଅନୁସରଣ କରନ୍ତି । ଆମେନ୍ । ମୁଁ ଏହା ବିଶ୍ୱାସ କରେ ।

## **ଅଗ୍ନି ସ୍ତମ୍ଭ**

THE PILLAR OF FIRE

ଭାଇ ବ୍ରାନ୍‌ହାମଙ୍କ ମସ୍ତକ ଉପରେ ଥିବା ଅଗ୍ନି ସ୍ତମ୍ଭ (PILLAR OF FIRE)ର ଚିତ୍ରଟି ୧୯୫୦ ମସିହା ଜାନୁଆରୀ ମାସରେ, (ଆମେରିକାସ୍ଥିତ) ଟେକ୍‌ସାସ୍‌ର ହୁଷ୍ଟନ୍ ସହରରେ ଉତ୍ତୋଳନ କରାଯାଇଥିଲା, ପୁଣି ଏହା ୧୯୦୯ ମସିହାରେ ତାଙ୍କର ଜନ୍ମଠାରୁ ତାଙ୍କର ସାଙ୍ଗରେ ରହିଥିଲା । ୧୯୩୩ ମସିହାରେ, ଇଣ୍ଡିୟାନାର ଜ୍ୟାଫରସନ୍‌ଭିଲ୍‌ସ୍ଥିତ ଓହାଇଓ (Ohio) ନଦୀକୂଳରେ, ଏକ ବାପ୍ତିସ୍ମ ସମାରୋହରେ, ଏହି ଅଲୌକିକ ସ୍ତମ୍ଭଟି ଶତାଧିକ ଲୋକଙ୍କ ସାକ୍ଷାତରେ ଆର୍ବିଭାବ ହୋଇଥିଲେ, ଆଉ ତାହାଙ୍କୁ କହିଥିଲେ, ବାପ୍ତିଜକ ଯୋହନ ଯେପରି ଖ୍ରୀଷ୍ଟଙ୍କ ପ୍ରଥମ ଆଗମନର ଅଗ୍ରଧାବକ ହୋଇଥିଲେ, ତୁମେ ସେହିପରି ଭାବରେ ତାହାଙ୍କ ଦ୍ୱିତୀୟ ଆଗମନର ଅଗ୍ରଧାବକ ହେବ ।

ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମଙ୍କର **"ବାର୍ତ୍ତାବହ-ଦୂତ"** ଏବଂ **"ଆତ୍ମାଙ୍କର ଅନ୍ତିମ ଚେତାବନୀ"** ନାମକ ଏହି ବାର୍ତ୍ତା ମଣ୍ଡଳୀ ଯୁଗସମୂହର ଏକ ବ୍ୟାଖ୍ୟା ନାମକ ତାଙ୍କରି ପୁସ୍ତକର ଲାଅଦିକୀୟ ମଣ୍ଡଳୀ ଯୁଗର ଅଧ୍ୟାୟରୁ ଉଦ୍ଧୃତ କରାଯାଇଛି, ପୁଣି ଭୋୟେସ୍ ଅଫ୍ ଗଡ୍ ରେକଡ଼ିଙ୍ଗ୍ (Voice of God Recordings)ର ଆନୁକୂଲ୍ୟରେ କାଟଛାଣ୍ଟ ବିନା ମୁଦ୍ରିତ ହୋଇ ବିନା ମୂଲ୍ୟରେ ବିତରଣ କରାଯାଉଛି ।

ପଛ ପୃଷ୍ଠାରେ ରହିଥିବା ଉଦ୍ଧୃତାଂଶଗୁଡିକ ଏହି ପୁସ୍ତକଟିର ମଧ୍ୟରୁ ସଂଗୃହିତ ହୋଇଛି ।


**VOICE OF GOD RECORDINGS INC.**

**P.O. Box 950, Jeffersonville, Indiana, U.S.A. 47131**

**(INDIA OFFICE)**

**NO.28,Shenoy Road,Nungambakkam,Chennai-600034, South India**

**Phone : 044-28274560 Fax : 044-28256970**

## *ଆତ୍ମାଙ୍କର ଅନ୍ତିମ ଚେତାବନୀ*

## *( The Last Warning Of The Spirit )*

*ପ୍ରକାଶିତ ବାକ୍ୟ ୩ ୨୨, "ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।"*

ଏହା ହିଁ ସେହି ଅନ୍ତିମ ଚେତାବନୀ ବା ସତର୍କ ବାଣୀ ଅଟେ । ଏହା ପରେ ଆଉ କୌଣସି ଚେତାବନୀ ହେବ ନାହିଁ । ସିଂହାସନର ପ୍ରକୋଷ୍ଠ ସ୍ଥାପିତ ହୋଇସାରିଛି । ଦ୍ୱାଦଶ ଭିତ୍ତିମୂଳ ବସା ଯାଇସାରିଛି । ସୁବର୍ଣ୍ଣମୟ ପଥସବୁ ପ୍ରସ୍ତୁତ କରାଯାଇଅଛି । ବୃହତ୍‌କାର ମୁକ୍ତାଗୁଡ଼ିକରେ ନିର୍ମିତ ଦ୍ୱାରସବୁ ଉନ୍ନତ କରାଯାଇଅଛି ଓ କବ୍‌ଜାରେ ଝୁଲାଯାଇଅଛି । ଏକ ପିରାମିଡ୍ ସଦୃଶ ସେ (ନୂତନ ଯିରୂଶାଲମ - ଅନୁ) ଅତି ସୁନ୍ଦର ତଥା ଗୌରବଯୁକ୍ତ ହୋଇ ଠିଆ ହୋଇଅଛି । ତାହାକୁ ପ୍ରସ୍ତୁତ କରିଥିବା ସ୍ୱର୍ଗୀୟ ପ୍ରାଣୀଗଣ ଅପଲକ ନୟନରେ ତାହାକୁ ଚାହିଁ ରହିଅଛନ୍ତି, କାରଣ ସେ ଏପରି ଏକ ମହିମାରେ ଝଲସି ଉଠି ଆଲୋକ ବିକିରଣ କରୁଅଛି, ଯାହାକି ଅପାର୍ଥିବ ଅଟେ । ତାହାର ସୌନ୍ଦର୍ଯ୍ୟର ପ୍ରତ୍ୟେକଟି କ୍ଷୁଦ୍ର ପାର୍ଶ୍ୱ ବିସ୍ମୟକର ଅନୁଗ୍ରହ ଏବଂ ଯୀଶୁଙ୍କର ପ୍ରେମର ଏକ ବିବରଣ ବର୍ଣ୍ଣନା କରେ । ତାହା(she) ତ ଏପରି ଏକ ନଗରୀ ଅଟେ ଯାହାକି ପ୍ରସ୍ତୁତ ହୋଇଥିବା ଏକ ଗୋଷ୍ଠୀ ନିମନ୍ତେ ଅଟେ । ସେ ତ କେବଳ ତାର ନିଜର ଅଧିବାସୀମାନଙ୍କ ନିମନ୍ତେ ପ୍ରତୀକ୍ଷା କରେ, ଆଉ ଅତିଶୀଘ୍ର ସେମାନେ ତାହାର ରାଜମାର୍ଗଗୁଡ଼ିକକୁ ହର୍ଷୋଲ୍ଲାସରେ ପରିପୂର୍ଣ୍ଣ କରିପକାଇବେ । ହଁ, ଏହା ସର୍ବଶେଷ ଆହ୍ୱାନ ଅଟେ । **ଆତ୍ମା ଅନ୍ୟ ଏକ ଯୁଗରେ କଥା କହିବେ ନାହିଁ,** ଯୁଗଗୁଡ଼ିକର ସମାପ୍ତି ଘଟିଅଛି ।

ତେବେ, ପରମେଶ୍ୱରଙ୍କ ଧନ୍ୟବାଦ ହେଉ ଯେ, ଏହି ମୁହୂର୍ତ୍ତରେ ଏହି ଯୁଗଟିର ପରିସମାପ୍ତି ହୋଇନାହିଁ । ସେ ଏବେସୁଦ୍ଧା ଉଚ୍ଚସ୍ୱରେ ଡାକ ପକାଉଅଛନ୍ତି । ଆଉ ତାହାଙ୍କର ଚିତ୍କାର କେବଳ ଯେ ତାହାଙ୍କର ଆତ୍ମାଙ୍କର ଦ୍ୱାରା ମନୁଷ୍ୟମାନଙ୍କ ଆତ୍ମିକ କର୍ଣ୍ଣରେ ଡ଼ାକ ପକାଉଅଛି, ତାହା ନୁହେଁ, ମାତ୍ର ପୁନଶ୍ଚ ଜଣେ ଭାବବାଦୀ ଧରାପୃଷ୍ଠରେ ବିଦ୍ୟମାନ । ପରମେଶ୍ୱର ପୁନଶ୍ଚ ଆଉଥରେ ସେହିପରିଭାବେ ସତ୍ୟ ପ୍ରକାଶ କରିବେ ଯେପରି ସେ ପାଉଲଙ୍କ ପ୍ରତି କରିଥିଲେ । ସପ୍ତମ ବାର୍ତ୍ତାବହ-ଦୂତଙ୍କ ସମୟରେ, ଲାଅଦିକୀୟ ଯୁଗର ଦିନମାନଙ୍କରେ, ଏହି ଯୁଗର ଦୂତ ପରମେଶ୍ୱରଙ୍କର ସକଳ ମନୋରଥ (ନିଗୂଢ଼ସଂକଳ୍ପମାନ)ସେହିପରିଭାବେ ପ୍ରକାଶ କରିବେ,ଯେପରି ପାଉଲଙ୍କ ପ୍ରତି ପ୍ରକାଶ ହୋଇଥିଲା । ସେ ସ୍ପଷ୍ଟରୂପେ ବାଣୀ ବ୍ୟକ୍ତ କରିବେ, ଆଉ ଯେଉଁମାନେ ସେହି ଭାବବାଦୀଙ୍କୁ ତାଙ୍କ ନିଜ ନାମରେ ଗ୍ରହଣ କରିବେ, ସେମାନେ ସେହି ଭାବବାଦୀଙ୍କ ସେବାକାର୍ଯ୍ୟର ହିତକର ପ୍ରତିଫଳ ପ୍ରାପ୍ତ ହେବେ । ଆଉ ଯେଉଁମାନେ ତାହାଙ୍କର ବାକ୍ୟ ଶ୍ରବଣ

କରିବେ, ସେମାନେ ଆଶୀର୍ବାଦ ପ୍ରାପ୍ତ ହେବେ ଏବଂ ଅନ୍ତିମ ଦିନର ସେହି କନ୍ୟାର ଅଂଶବିଶେଷ ହେବେ, ଯାହାଙ୍କ ବିଷୟରେ *ପ୍ରକାଶିତ ବାକ୍ୟ ୨୨:୧୭* ପଦରେ ଉଲ୍ଲେଖ କରାଯାଇଅଛି, *"ଆତ୍ମା ଓ କନ୍ୟା କହନ୍ତି, ଆସ ।"* ଗହମର ସେହି ବୀଜଟି (ସେହି କନ୍ୟାସ୍ୱରୂପା ଗହମ) ଯାହା ନାଇସିଆ ସଭାରେ ଭୂମିରେ ପଡ଼ି ପୋତି ହୋଇଯାଇଥିଲା, ତାହା ପୁନର୍ବାର ମୂଳ ବାକ୍ୟରୂପ ଶସ୍ୟର ଅବସ୍ଥାକୁ ଫେରିଆସିଅଛି । ପରମେଶ୍ୱରଙ୍କର ସଦାକାଳ ପ୍ରଶଂସା କରନ୍ତୁ । ହଁ, ପରମେଶ୍ୱରଙ୍କର ସେହି ପ୍ରମାଣସିଦ୍ଧ (ଅସଲି) ଭାବବାଦୀଙ୍କ ବାକ୍ୟ ଶ୍ରବଣ କରନ୍ତୁ, ଯେ ଏହି ଅନ୍ତିମ ଯୁଗରେ ଆବିର୍ଭୂତ ହୁଅନ୍ତି । ସେ ପରମେଶ୍ୱରଙ୍କଠାରୁ ଯାହାକିଛି କହନ୍ତି, କନ୍ୟା ତାହା ହିଁ କହିବ । ଆତ୍ମା ଏବଂ ଭାବବାଦୀ ଏବଂ କନ୍ୟା ସମାନ ବିଷୟ ହିଁ କହୁଥିବେ । ଆଉ, ସେମାନେ ଯାହା କହିବେ, ତାହା ବାକ୍ୟରେ ପୂର୍ବରୁ କୁହାଯାଇସାରିଥିବ । ସେମାନେ ବର୍ତ୍ତମାନ ଏହା କହୁଅଛନ୍ତି, "ତୁମ୍ଭେମାନେ ତାହା ମଧ୍ୟରୁ ବର୍ତ୍ତମାନ ହିଁ ବାହାରି ଆସ ଏବଂ ପୃଥକ ହୁଅ ।" ସେହି ଆର୍ତ୍ତସ୍ୱର ଡ଼ାକ ପକାଇଛି । ସେହି ଆର୍ତ୍ତସ୍ୱର ଡ଼ାକ ପକାଉଅଛି । ଉକ୍ତ ଚିତ୍କାର କେତେକାଳ ପର୍ଯ୍ୟନ୍ତ ଉଚ୍ଚ ସ୍ୱରରେ ଡ଼ାକ ପକାଇବ ? ଆମେ ତାହା ଜାଣୁ ନାହୁଁ, ମାତ୍ର ଗୋଟିଏ ବିଷୟ ଆମେ ଜାଣୁ, ଯେ ଏହା ଆଉ ଦୀର୍ଘ କାଳସ୍ଥାୟୀ ହେବ ନାହିଁ, କାରଣ ଏହା ଅନ୍ତିମ ଯୁଗ ଅଟେ ।

*"ମଣ୍ଡଳୀଗଣଙ୍କୁ ଆତ୍ମା କଅଣ କହନ୍ତି, ଯାହାର କର୍ଣ୍ଣ ଅଛି, ସେ ତାହା ଶୁଣୁ ।" :*

**"He that hath an ear, let him hear what the Spirt saith to the Churches." :**

ଆତ୍ମା କହିସାରିଅଛନ୍ତି । ମଣ୍ଡଳୀ ଯୁଗସମୂହ ନିମନ୍ତେ ଅସ୍ତଗାମୀ ସୂର୍ଯ୍ୟ ଅନନ୍ତତା ମଧ୍ୟରେ ଅଦୃଶ୍ୟ ବା ବିଲୀନ ହୋଇଯିବା ଉପରେ । ତତ୍‌ପରେ ସବୁକିଛି ପରିସମାପ୍ତ ହୋଇଯିବ । ତତ୍ପରେ ଫେରିଆସିବା ପାଇଁ ଅତ୍ୟନ୍ତ ବିଳମ୍ବ ହୋଇସାରିଥିବ । ତେବେ, ଏହି ଶିକ୍ଷାର ପର୍ଯ୍ୟାୟରେ ଯଦି କୌଣସି ସ୍ଥାନରେ ପରମେଶ୍ୱର ଆପଣା ଆତ୍ମାଙ୍କ ଦ୍ୱାରା ଆପଣଙ୍କ ସହିତ ଆଳାପ କରିଅଛନ୍ତି, ତାହାହେଲେ ବର୍ତ୍ତମାନ ହିଁ ଆପଣ ମନଫେରଣ କରି ତାହାଙ୍କର ନିକଟକୁ ଫେରିଆସନ୍ତୁ ଏବଂ ତାହାଙ୍କର ନିକଟରେ ନିଜ ଜୀବନକୁ ସମର୍ପଣ କରନ୍ତୁ, ଯେପରିକି ତାହାଙ୍କର ଆତ୍ମାଙ୍କ ଦ୍ୱାରା ସେ ଆପଣଙ୍କୁ ଅନନ୍ତ ଜୀବନ ପ୍ରଦାନ କରନ୍ତି ।

# ''ସୈନ୍ୟାଧିପତି ସଦାପ୍ରଭୁ ଏହା କହନ୍ତି''

# "THUS SAITH THE LORD"

''ସପ୍ତମ ଦୂତଙ୍କର ରବ''

''ଏହି ଯୁଗ ନିମନ୍ତେ ଉଦ୍ଦିଷ୍ଟ ଜଣେ ଭାବବାଦୀ-ଦୂତ''

''ଅଭ୍ରାନ୍ତତାର ଶକ୍ତି''

''ଶିଖରର ପ୍ରସ୍ତରରୂପୀ ଭାବବାଣୀ ସମ୍ବନ୍ଧୀୟ ସେବାକାର୍ଯ୍ୟ''

''ପ୍ରକାଶିତ ବାକ୍ୟ ୧୦ ୭ ପଦର ଭାବବାଦୀ-ଦୂତ''

''ମଲାଖି ୪:୫-୬ ପଦ ଅନୁଯାୟୀ ସେହି ସମାନ ବ୍ୟକ୍ତି''

''ପରମେଶ୍ୱରଙ୍କ ଦ୍ୱାରା ସତ୍ୟ-ସିଦ୍ଧ''

'ପବିତ୍ର ଆତ୍ମାଙ୍କ ଦ୍ୱାରା ସତ୍ୟ ପ୍ରତିପାଦିତ''

''ତାହାଙ୍କର ଦ୍ୱିତୀୟ ଆଗମନର ଅଗ୍ରଧାବକ''

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org